ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.67 Bhubaneswar Wednesday, April 21, 2021 ୨୪ତମ ବର୍ଷ ସଂଖ୍ୟା-୬୭ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୨୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

ନୂଆଦିଲ୍ଲୀରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କୋଭିଡ୍-୧୯ ମାମଲାରେ ବଞ୍ଚିବା ମଧ୍ୟରେ ପ୍ରତିରକ୍ଷା ଏବଂ ସଶସ୍ତ୍ର ବାହିନୀର ପ୍ରସ୍ତୁତି ସମୀକ୍ଷା ପାଇଁ ଏକ ମିଟିଂରେ ଅଧ୍ୟକ୍ଷତା କରିଥିଲେ

୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ବିଶେଷଙ୍କୁ ଟିକାକରଣ ପାଇଁ ଓଡିଶା ପ୍ରସ୍ତୁତ : ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର,୨୦।୪(ପି.ଏନ): ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା କରୋନା ଟୀକାକରଣର ତୃତୀୟ ପର୍ଯ୍ୟାୟରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ବିଶେଷଙ୍କୁ ଟିକାକରଣ ପାଇଁ ଯେଉଁ ଘୋଷଣା କରିଛନ୍ତି ତାହା କରିବାକୁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମଇ ପହିଲାରୁ ଓଡ଼ିଶା ଯୁବବର୍ଗଙ୍କର ଟିକାକରଣ ଆରମ୍ଭ ହେବ। ଯୁବକଙ୍କୁ ଟିକା ଦେବା ପାଇଁ ରାଜ୍ୟରେ ଅଧିକ ସେସନ ସାଇଟ ଓ ଟିକାକରଣ କେନ୍ଦ୍ର ଖୋଲାଯିବ। ଏଥିଲାଗି କୋଇନ ଆପ ଓ ସ୍ପଟ ରେଜିଷ୍ଟ୍ରେସନ ମାଧ୍ୟମରେ ପଞ୍ଜିକରଣ କରାଯିବ। ସରକାରୀ ଓ ଘରୋଇ ହସ୍ପିଟାଲରେ ପୂର୍ବ ଭଳି ଟିକାକରଣ କରାଯିବ। ତେବେ ସହରାଂଚଳ ଗୁଡ଼ିକରେ ସପ୍ତାହନ୍ତ ସଟଡାଉନ ସମୟରେ ଟିକାକରଣ ବନ୍ଦ ରହିବ।

ଭୁବନେଶ୍ୱରରେ ୫୮୧ କରୋନା ପଜିଟିଭ୍

ଭୁବନେଶ୍ୱର, ୨୦।୪(ପି.ଏନ): ଗତ ୨୪ ଘଂଟାରେ ରାଜଧାନୀ ଭୁବନେଶ୍ୱରରେ ଆଉ ୫୮୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୧୧ ଜଣ କ୍ୱାରେଂଟାଇନ୍ ରେ ଥିବା ବେଳେ ୪୭୦ ଜଣ ଲୋକାଲ୍ କେସ୍। ସେହିପରି ୨୪ ଘଂଟାରେ ଆଉ ୨୦୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଟ୍ୱିଟ୍ କରି ସୂଚନା ଦେଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ବିଏମ୍‌ସି ଅଂଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ୩୬୭୨୮ କୁ ବୃଦ୍ଧି ପାଇଛି। ସେଥିରୁ ୩୩୨୦୮ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଥିବା ବେଳେ ୨୫୦ ଜଣଙ୍କ ମୃତ୍ୟୁ ଘଟିଛି।

କାଲିଠାରୁ ଭୁବନେଶ୍ୱରର ସବୁ ଧର୍ମାନୁଷ୍ଠାନ ବନ୍ଦ

ଭୁବନେଶ୍ୱର,୨୦।୪(ପି.ଏନ): ଆସନ୍ତାକାଲି ଠାରୁ ଭୁବନେଶ୍ୱରରେ ବନ୍ଦ ରହିବ ସବୁ ଧର୍ମାନୁଷ୍ଠାନ। କେବଳ ସେବାୟତଙ୍କ ଦ୍ୱାରା ନୀତିକାନ୍ତି କରାଯିବ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭୁବନେଶ୍ୱରରେ କରୋନା ପଜିଟିଭ୍ ସଂଖ୍ୟା ବଢ଼ିଛି। ଏହାକୁ ଦୃଷ୍ଟି ରଖି ଓ ରାଜ୍ୟ ସରକାର ସ୍ଥାନୀୟ ପ୍ରଶାସନକୁ ଦେଇଥିବା କ୍ଷମତାର ଉପଯୋଗ କରି ବିଏମ୍‌ସି ଅଂଚଳରେ ଥିବା ବିଭିନ୍ନ ଧର୍ମାନୁଷ୍ଠାନର ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରି ଏହି ନିଷ୍ପତି ନେଇଛୁ। ବର୍ତମାନ ପାଇଁ ମନ୍ଦିର, ମସଜିଦ, ଚର୍ଚ୍ଚ ଓ ଗୁରୁଦ୍ୱାର ଆଦି ସମସ୍ତ ଧର୍ମାନୁଷ୍ଠାନରେ ଶ୍ରଦ୍ଧାଳୁଙ୍କ ପ୍ରବେଶକୁ ବାରଣ କରାଯାଇଛି। ତେବେ ସବୁ ଧର୍ମାନୁଷ୍ଠାନରେ ଦୈନନ୍ଦିନ ନୀତିକାନ୍ତି ସଂପନ୍ନ କରିବାକୁ ଅନୁମତି ଦିଆଯାଇଛି। ଆଗାମୀ ଦିନରେ ସ୍ଥିତିକୁ ଦେଖି ପୁଣି ଶ୍ରଦ୍ଧାଳୁଙ୍କ ନମନ୍ତେ ଧର୍ମାନୁଷ୍ଠାନ ଗୁଡ଼ିକୁ ଖୋଲିବା ପାଇଁ ବ୍ୟବସ୍ଥା କରାଯିବ।ବିଏମ୍‌ସି ପକ୍ଷରୁ ଏନେଇ ଗାଇଡ୍ ଲାଇନ୍ ମଧ୍ୟ ଜାରି କରାଯାଇଛି। ଧର୍ମାନୁଷ୍ଠାନ ଗୁଡ଼ିକରେ ନୀତିକାନ୍ତି ସଂପନ୍ନ କରିବାକୁ ଉପସ୍ଥିତ ରହୁଥିବା ପୂଜକ ଓ କର୍ମଚାରୀମାନଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଛି। ସେମାନେ ସାମାଜିକ ଦୂରତ୍ୱ ମଧ୍ୟ ରକ୍ଷା କରିବେ। ପୂଜକ ଓ ଅନ୍ୟ କର୍ମଚାରୀ ଧର୍ମାନୁଷ୍ଠାନରେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କର ଥର୍ମାଲ ସ୍କ୍ରିନିଂ କରିବାକୁ ତଥା ହାତ ଧୋଇବାକୁ ହ୍ୟାଣ୍ଡୱାସ୍ ରଖିବାକୁ ପରିଚାଳନା କମିଟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସମୀକ୍ଷା: ଫେରିବେ ପ୍ରବାସୀ, ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୪(ପି.ଏନ): କରୋନା ଯୋଗୁଁ ଦେଶର ବିଭିନ୍ନ ସହରରେ ଲକ୍ ଡାଉନ୍, ଶଟ୍ ଡାଉନ୍ ଲାଗୁ ହେଉଥିବାରୁ ପ୍ରବାସୀ ଶ୍ରମିକମାନେ ଘରକୁ ଫେରିପାରନ୍ତି। ସେଥିପାଇଁ ପ୍ରସ୍ତୁତ ରହିବାକୁ ରାଜ୍ୟର ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାସହ ଅମ୍ବୁଲାନ ବ୍ୟବସ୍ଥା ଓ ଅଧିକ ସଂଖ୍ୟକ ଶଯ୍ୟାର ବନ୍ଦୋବସ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଦିନ କୋଭିଡ୍ ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, କୋଭିଡର ଦ୍ୱିତୀୟ ଲହରରେ ବିଭିନ୍ନ ରାଜ୍ୟ ଓ ସହର ମାନଙ୍କରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଗୁରୁତର ଚାପରେ ରହିଛି। ଓଡିଶାରେ ମଧ୍ୟ ଗତ କିଛି ଦିନ ଧରି କୋଭିଡ ସଂଖ୍ୟାରେ ବୃଦ୍ଧି ହେଉଛି। ଆମର ପୂର୍ବ ପ୍ରସ୍ତୁତି ଓ ଆଗୁଆ ପଦକ୍ଷେପ ଯୋଗୁ ଆମେ ଅନେକ ମାତ୍ରାରେ ପରିସ୍ଥିତିକୁ ଏ ପର୍ଯ୍ୟନ୍ତ ଠିକ୍ ଭାବରେ ପରିଚଳିତ କରିପାରିଛୁ। ତେବେ ଆମକୁ ସବୁଠାରୁ ଖରାପ ପରିସ୍ଥିତି ର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ହେବ ଏବଂ ସମସ୍ତ ରୋଗୀ ଯେପରି ସମ୍ମାନର ସହିତ ଚିକିତ୍ସା ପାଇବେ, ଏବଂ ପ୍ରତ୍ୟେକ ଜୀବନକୁ ଆମେ ଯେପରି ବଂଚାଇପାରିବା, ସେଥିପାଇଁ ଆମକୁ ସମସ୍ତ ପ୍ରକାର ଉଦ୍ୟମ କରିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ବର୍ତମାନ ସବୁଠାରୁ ଗମ୍ଭୀର ପରିସ୍ଥିତିର ସାମ୍ନା କରୁଛୁ। ତେଣୁ ଆମେ ଯଦି ସମସ୍ତେ ଦାୟିତ୍ୱବାନ ହୋଇ ପରିସ୍ଥିତିର ମୁକାବିଲା କରିବା, ତେବେ ଆମ ନିଶ୍ଚିତ ଭାବରେ ଏ ପରିସ୍ଥିତିରୁ ସଫଳ ଭାବେ ବାହାରି ପାରିବା।ଏହି ଅବସରରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀ ଓ ଜିଲ୍ଲାପାଳ ମାନଙ୍କୁ କୋଭିଡ ପରିସ୍ଥିତିର ମୁକାବିଲା ପାଇଁ ଏକ ୬ ସୂତ୍ରୀ ପରାମର୍ଶ ଦେଇଛନ୍ତି। ସାରା ରାଜ୍ୟରେ କୋଭିଡ ହସ୍ପିଟାଲ ଗୁଡିକରେ ଶଯ୍ୟା ସଂଖ୍ୟା ବୃଦ୍ଧି ସହିତ ଅଧିକ କୋଭିଡ କେୟାର ସେଂଟର ସ୍ଥାପନ , ଯେତେଦୂର ସମ୍ଭବ ସର୍ବାଧିକ ସଂଖ୍ୟାରେ ଶଯ୍ୟା ଗୁଡିକରେ ଅକ୍‌ସିଜେନ ବ୍ୟବସ୍ଥା ରଖାଯାଉ , ଅକ୍‌ସିଜେନ ବ୍ୟବସ୍ଥାକୁ ଯୁଦ୍ଧକାଳୀନ ଭିତିରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରାଯାଉ , ଅକ୍‌ସିଜେନ ଯୋଗାଣ ବ୍ୟବସ୍ଥାକୁ ଭଲ ଭାବରେ ତଦାରଖ କରାଯାଉ ଏବଂ ହସ୍‌ପିଟାଲ ଗୁଡିକରେ ଏଥିପାଇଁ ସମସ୍ତ ଆବଶ୍ୟକ ଉପକରଣକୁ ପ୍ରାଥମିକତା ଭିତିରେ ଉପଲବ୍ଧ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମେଡିସିନ୍ ଷ୍ଟକ୍ ଯଥେଷ୍ଟ ରହିଛି, ତଥାପି ଆଗକୁ ଅଧିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଔଷଧର ଏକ ବଫର ଷ୍ଟକ୍ ରଖାଯାଉ । ଆଇଇସି ଅଭିଯାନରେ ଅଧିକ ଉନ୍ନତି ଅଣାଯିବା ଉପରେ ଗୁରୁତ୍ୱ । ଜନସାଧାରଣ ଦ୍ୱିତୀୟ ଲହରର ଭୟାବହତା ସଂପର୍କରେ ସଚେତନ ହେବା ଜରୁରୀ ଏବଂ କୋଭିଡ ନିୟମାବଳୀକୁ ମାନିବା କେତେ ଜରୁରୀ, ସେ ସଂପର୍କରେ ଅନୁଭବ କରିବା ଦରକାର।

ମୁଖ୍ୟ ନିର୍ବାଚନ କମିସନର ଓ ନିର୍ବାଚନ କମିସନର କରୋନା ପଜିଟିଭ୍

ନୂଆଦିଲ୍ଲୀ, ୨୦।୪(ପି.ଏନ): ଦେଶର ନ ମୁଖ୍ୟ ନିର୍ବାଚନ କମିସନର ସୁଶୀଲ ଚନ୍ଦ୍ରା ଓ ନିର୍ବାଚନ କମିସନର ରାଜୀବ କୁମାର କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ମୁଖ୍ୟ ନିର୍ବାଚନ କମିସନର ସୁନିଲ ଆରୋରା ଅବସର ନେବା ପରେ ମାତ୍ର କିଛିଦିନ ଆଗରୁ ସୁଶୀଲ ଚନ୍ଦ୍ରା ମୁଖ୍ୟ ନିର୍ବାଚନ କମିସନର ଭାବେ ନିଯୁକ୍ତି ପାଇଥିଲେ ।

ହସ୍ପିଟାଲ ପାଇଁ ଗାଇଡ୍ ଲାଇନ୍ ଜାରି

ଭୁବନେଶ୍ୱର, ୨୦।୪(ପି.ଏନ): ରାଜ୍ୟରେ କରୋନା ସଂକ୍ରମଣ ବଢୁଥିବାରୁ ହସ୍ପିଟାଲ ପାଇଁ ଗାଇଡଲାଇନ ଜାରି କଲେ ରାଜ୍ୟ ସରକାର। ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲ ପାଇଁ ଜାରି ହୋଇଛି ଏହି ଗାଇଡଲାଇନ। ମେଡିକାଲ ଯେମିତି ହଟସ୍ପଟ ନପାଲଟିବ, ସେଥିପାଇଁ କଡ଼ା ତାଗିଦ କରାଯାଇଛି। ପ୍ରତ୍ୟେକ ହସ୍ପିଟାଲରେ ଅଲଗା ଜ୍ୱର ଓ ଆଇସୋଲେସନ କ୍ଲିନିକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହସ୍ପିଟାଲ ଆସୁଥିବା ସବୁ ଲୋକଙ୍କ ସ୍କ୍ରିନିଂ କରାଯିବାକୁ ନିର୍ଦ୍ଦେଶ। ଏହାଛଡ଼ା ପର୍ଯ୍ୟନ୍ତ ହାତଧୁଆ ବ୍ୟବସ୍ଥା ଓ ସାନିଟାଇଜର ରଖିବାକୁ ଗାଇଡ୍‌ଲାଇନ୍ ରେ ରାଜ୍ୟ ସରକାର ଉଲ୍ଲେଖ କରିଛନ୍ତି। ସେହିପରି ହସ୍ପିଟାଲର କୌଣସି ସେକ୍ସନରୁ ପଜିଟିଭ ବାହାରିଲେ ତୁରନ୍ତ ବନ୍ଦ କରାଯିବ। ଉକ୍ତ ସେକ୍ସନର ଅନ୍ୟ ରୋଗୀଙ୍କୁ ଅନ୍ୟତ୍ର ନିଆଯିବ, ରୁମ୍ ଖାଲି କରାଯିବ। ରୁମ୍ ସାନିଟାଇଜ କରାଯାଇ ୨୪ ଘଂଟା ବନ୍ଦ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଗୋଟିଏ ଦିନରେ ୪୭୬୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୦।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୪୭୬୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୭୭୪୬୪କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୪୭୬୩୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୭୮୨୧ ରହିଛି । ଆଜି ଚିହ୍ନଟ ହୋଇଥିବା ୪୭୬୧ ଜଣଙ୍କ ମଧ୍ୟରୁ ୨୭୮୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୯୭୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୮୨୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୮୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୮୪ ଜଣ, ବରଗଡ଼ରୁ ୧୯୮ ଜଣ, ଭଦ୍ରକରୁ ୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୩, କଟକରୁ ୧୭୬ ଜଣ, ଦେବଗଡ ଜିଲ୍ଲାରୁ ୩୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୦୬ ଜଣ, ଗଜପତି ଜିଲ୍ଲାରୁ ୩୧, ଗଞ୍ଜାମରୁ ୪୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୨ ଜଣ, ଯାଜପୁରରୁ ୮୬ ଜଣ, ଝାରସୁଗୁଡ଼ାରୁ ୨୩୪ ଜଣ, କଳାହାଣ୍ଡିରୁ ୧୬୭ ଜଣ, କନ୍ଧମାଳ ଜିଲ୍ଲାରୁ ୨୫ ଜଣ. କେନ୍ଦ୍ରାପଡ଼ାରୁ ୫୦ ଜଣ, କେନ୍ଦୁଝରରୁ ୧୦୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୮୨୦ ଜଣ, କୋରାପୁଟରୁ ୩୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୮୬ ଜଣ, ନବରଙ୍ଗପୁରରୁ ୧୫୪ ଜଣ, ନୟାଗଡ଼ରୁ ୬୩ ଜଣ, ନୂଆପଡ଼ାରୁ ୫୩୪ ଜଣ, ପୁରୀରୁ ୧୯୩ ଜଣ, ରାୟଗଡ଼ାରୁ ୬୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୮୩ ଜଣ, ସୋନପୁରରୁ ୪୭ ଜଣ, ସୁନ୍ଦରଗଡ଼ରୁ ୬୭୩ ଜଣ ଓ ଷ୍ଟେଟ୍ ପୁଲରୁ ୧୬୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ବିନା ଭକ୍ତରେ ହେଲା ରୁକୁଣା ରଥଯାତ୍ରା

ଭୁବନେଶ୍ୱର, ୨୦।୪(ପି.ଏନ): ପବିତ୍ର ଅଶୋକାଷ୍ଟମୀ ଅବସରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଆରମ୍ଭ ହୋଇଛି। ମଙ୍ଗଳବାର ଅପରାହ୍ନରେ ପ୍ରଭୁ ଶ୍ରୀଲିଙ୍ଗରାଜ ଯାତ୍ରା ଆରମ୍ଭ କରି ଗୋଷଗୋରେଶ୍ୱର ଛକରେ ଅଟକିଛନ୍ତି। ଆସନ୍ତାକାଲି ପୁଣି ଥରେ ରଥ ଟଣାଯିବ। ରଥରେ ପ୍ରଭୁ ଲିଙ୍ଗରାଜ, ଦେବୀ ରୁକ୍ମିଣୀ ଓ ପ୍ରଭୁ ବାସୁଦେବ(ଦୋଳଗୋବିନ୍ଦ) ବିରାଜମାନ କରିଛନ୍ତି। ରୁକୁଣା ରଥକୁ ସାଧାରଣ ଭକ୍ତମାନେ ଘର ଛାତ ଓ ବାଲକୋନିରେ ଥାଇ ଦେଖୁଥିବା ବେଳେ ସେବାୟତ ଓ କର୍ମଚାରୀମାନେ ରଥ ଟାଣିଥିଲେ। କୋଭିଡ-୧୯ କଟକଣା ଯୋଗୁଁ ଚଳିତ ଥର ମଧ୍ୟ ବିନା ଭକ୍ତରେ ରୁକୁଣା ରଥଯାତ୍ରା ଆୟୋଜନ ହୋଇଛି। କୋଭିଡ୍ ନେଗେଟିଭ୍ ଆସିଥିବା ସେବାୟତଙ୍କୁ ଏଥିରେ ସାମିଲ ହେବାକୁ ଅନୁମତି ମିଳିଛି। ସମ୍ପୃକ୍ତ ଅଂଚଳରେ ୧୪୪ ଧାରା ଜାରି କରାଯାଇଛି। ଏହି ରଥର ବିଶେଷତ୍ୱ ହେଉଛି ଏହା ଅଣଲେଉଟା। ଯେଉଁଭଳି ଭାବେ ରଥଟି ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥାଏ ଠିକ୍ ସେହିଭଳି ପୁନର୍ବାର ପଛକୁ ଫେରିଥାଏ। ବିନା ମୋଡ଼ରେ ରଥ ଫେରିଥାଏ। ବିଧି ଅନୁସାରେ ରଥର ପଛ ପଟେ ଦ୍ୱାର ଖୋଲାଯାଏ ଓ ଅଶ୍ୱଙ୍କୁ ଆଗରୁ ଖୋଲି ଆଣି ନୂଆ ଦ୍ୱାରରେ ଯୋଚାଯାଏ।

୧୨ ସହରର ତାପମାତ୍ରା ୪୦ ଡିଗ୍ରି ଉପରେ

ଭୁବନେଶ୍ୱର,୨୦।୪(ପି.ଏନ): କିଛି ଦିନର ବ୍ୟବଧାନ ପରେ ରାଜ୍ୟରେ ପୁଣି ଲେଉଟିଛି ତାତି।ମଙ୍ଗଳବାର ଦିନ ରାଜ୍ୟର ୧୨ ସହରର ତାପମାତ୍ରା ୪୦ ଡିଗ୍ରି ଉପରେ ରହିଥିବା ବେଳେ ୪୨.୧ ଡିଗ୍ରି ସହ ସୋନପୁର ରାଜ୍ୟର ସବୁଠାରୁ ଉତପ୍ତ ସହରରେ ପରିଣତ ହୋଇଛି।ସେହିପରି ବୌଦ୍ଧରେ ୪୨, ଅନୁଗୁଳରେ ୪୧.୯ , ସମ୍ବଲପୁର , ସୁନ୍ଦରଗଡଓ ଟିଟିଲାଗଡରେ ୪୧ ଡିଗ୍ରି, ଭବାନୀପାଟଣାରେ ୪୦.୬, ମାଲଗାନଗିରିରେ ୪୦. ୫, ଝାରସୁଗୁଡାରେ ୪୦.୪, ବାରିପଦା, ଫୁଲବାଣୀ, ନୟାଗଡରେ ୪୦ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବାଲେଶ୍ୱର ୩୭.୦ , ଚାନ୍ଦବାଲି ୩୭.୫ , ପାରାଦୀପ ୩୨.୧, ଗୋପାଳପୁର ୩୨.୪ , ପୁରୀ ୩୩.୪, କେନ୍ଦୁଝର ୩୭.୮,ହୀରାକୁଦ ୩୯.୭ , କୋରାପୁଟ ୩୫.୬ ,ଦାରିଙ୍ଗିବାଡ଼ି ୩୫.୦ , ଛତ୍ରପୁର ୩୪.୫ , ପାରଳାଖେମୁଣ୍ଡି ୩୪.୫ , ରାୟଗଡ଼ା ୩୪.୨ ଡିଗ୍ରି ସେଲସିୟସ ରହିଛି। ଅନ୍ୟପକ୍ଷରେ ଆଜି ଭୁବନେଶ୍ୱରର ତାପମାତ୍ରା ୩୯.୭ ଡିଗ୍ରି ରହିଥିବା ବେଳେ ଓ କଟକ ସହରର ତାପମାତ୍ରା ୩୭.୪ ଡିଗ୍ରି ସେଲସିୟସ ରହିଥିଲା।

ବର୍ଦ୍ଧିତ ହୋଲଡିଂଟ୍ୟାକ୍ସକୁ ନେଇ ଚିନ୍ତାରେ ପୌରବାସୀ : ରାଜନୈତିକ ବଡପଣ୍ଡାଙ୍କ ନିରବତାକୁ ନେଇ ଚର୍ଚ୍ଚା ଜୋର୍ ଧରିଲା

କେନ୍ଦୁଝର, ୨୦।୪(ପି.ଏନ): କେନ୍ଦୁଝର ଗଡ଼ ପୌରପାଳିକା ସମେତ ଜିଲ୍ଲାର ଅନ୍ୟ ସହରାଂଚଳରେ ଚଳିତ ଏପ୍ରିଲ ମାସରେ ରିହାତି ଦରରେ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ହେଉଛି । ପୌରାଚଂଳ ପାଇଁ ରହିଥିବା ବିଧି ବ୍ୟବସ୍ଥା ଅନୁଶାରେ ଏପ୍ରିଲ ମାସରେ ହୋଲ୍ଡିଂ ଟ୍ୟାକ୍ସ ପୈଠ କରୁଥିବା ପୌରବାସୀଙ୍କୁ ଶତକଡ଼ା ୨୦ ପ୍ରତିଶତ ଏବଂ ମଇ ମାସରେ ପୈଠ ପାଇଁ ଶତକଡ଼ା ୧୦ ପ୍ରତିଶତ ରିହାତିର ବ୍ୟବସ୍ଥା ରହିଅଛି । କିନ୍ତୁ ହୋଲ୍ଡିଂ ଟ୍ୟାକ୍ସ ପୈଠ କରିବାକୁ ଯାଉଥିବା ପୌରବାସୀଙ୍କୁ ଆଶ୍ଚର୍ଯ୍ୟ ହେବାକୁ ପଡୁଛି ଯେତେବେଳେ ସେମାନେ ନିଜ ନିଜ ଘରର ବର୍ଦ୍ଧିତ ଟ୍ୟାକ୍ସର ପରିମାଣକୁ ଦେଖୁଛନ୍ତି । ଏହି ବର୍ଦ୍ଧିତ ଟ୍ୟାକ୍ସ ବିଭିନ୍ନ ବର୍ଗର ବିଶେଷ ଭାବେ ମଧ୍ୟବିତ ବର୍ଗର ପରିବାରଙ୍କ ଉପରେ ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇପଡିଥିବା ବେଳେ ଗରିବ ଖଟି ଖିଆ ପରିବାରଙ୍କର ଆର୍ଥିକ ଦୁର୍ଗତିକୁ ଅଧିକ ବଢାଇ ଦେଇଛି । ଏହି ବର୍ଦ୍ଧିତ ଟ୍ୟାକ୍ସକୁ କେନ୍ଦ୍ର କରି ଜନଅସନ୍ତୋଷ ପୁଞ୍ଜି ବାନ୍ଧିବାରେ ଲାଗିଛି । ଏପରିକି ଅନେକ କଚ୍ଚାଘରକୁ ପକ୍କାଘର ଦର୍ଶାଯାଇ ବାର୍ଷିକ ହୋଲ୍ଡିଂ ଟ୍ୟାକ୍ସ ୯ ହଜାରୁ ୧୦ ହଜାର ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇ ନୋଟିସ ହେଉଥିବା ଉପରେ ଅନେକ ସିଧାସଳଖ ପ୍ରଶ୍ନ ଉଠାଇଛନ୍ତି । ତା ସାଙ୍ଗରେ ପୁଣି ୟୁଜର୍ସ ଫି ର ଲମ୍ବା ଚିଠା, ଯାହାକି ଏହି କରୋନା ସମୟରେ ସ୍ୱାଭାବିକ ଭାବେ ପୌରବାସୀଙ୍କୁ ମାନସିକ ଯନ୍ତ

ଟି ଟାଇମ୍

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ

୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୁ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରତ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ

ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

ପୁରାଣ କାହାଣୀ

ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୁଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ୱର୍ଗରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୁଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ

ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜେଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ।

ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-

ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ

ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସ

ହିନ୍ଦୁଙ୍କ ଆସ୍ଥା ଉପରେ ଆକ୍ରମଣ: ନୂଆ ପାକିସ୍ତାନର ନୂଆ ଚାଲ

ମାର୍ଚ୍ଚ ୨୮ ତାରିଖ ଦିନ ଦିନ ସଂଧ୍ୟା ସାତଟା ବେଳେ ପାକିସ୍ତାନ ରାଓ୍ୱଲପିଣ୍ଡି ସହରର ପୁରାନା କିଲା ଅଂଚଳରେ ଥିବା ଏକ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ମନ୍ଦିର ଉପରେ ଆକ୍ରମଣ ହୋଇଛି । ୧୦ରୁ ୧୫ ଜଣ ଆକ୍ରମଣକାରୀ ମନ୍ଦିର ମୁଖ୍ୟ ଫାଟକ ଏବଂ ଉପର ମହଲା ସହିତ ମନ୍ଦିରର ଅନେକ ସ୍ଥାନ ଭଙ୍ଗାରୁଜା କରିଛନ୍ତି । 'ଡନ୍' ଖବରକାଗଜ ଅନୁଯାୟୀ, ଇଭାକ୍ୟୁ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ-Evacuee Trust Property Board (ଇଟିପିବି) ଉତ୍ତର ଜୋନ୍ ସୁରକ୍ଷା ଅଧିକାରୀ ସୟଦ ରଜା ଅବ୍ବାସ ଜାଇଦି ରାଓ୍ୱଲପିଣ୍ଡିର ବାନି ପୋଲିସ ଷ୍ଟେସନରେ ଅଭିଯୋଗ କରି କହିଛନ୍ତି ଯେ, ମନ୍ଦିର ପୁନରୁଦ୍ଧାର କାମ ଚାଲିଥିବା ବେଳେ ଏହି ଆକ୍ରମଣ ହୋଇଛି । ମୁସଲିମ ସଂଖ୍ୟାଗରିଷ୍ଠ ଦେଶ ଭାବରେ ପାକିସ୍ତାନ ସାରା ବିଶ୍ୱରେ ଜଣାଶୁଣା । ଏହି ଦେଶରେ ହିନ୍ଦୁମାନଙ୍କ ଅବସ୍ଥା ଅତି ଶୋଚନୀୟ। ବର୍ତ୍ତମାନ ଏଠାରେ ହିନ୍ଦୁ ମାନଙ୍କର ସଂଖ୍ୟା ସମୁଦାୟ ଜନସଂଖ୍ୟାର ୧.୬ ପ୍ରତିଶତ । ଭାରତରେ ସଂଖ୍ୟାଲଘୁମାନଙ୍କ ପାଇଁ ସଂରକ୍ଷଣ ସହିତ ଅନେକ କିଛି ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିବା ବେଳେ ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପ୍ରତି ଧ୍ୟାନ ଦିଆଯାଉ ନାହିଁ । ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ସହିତ ସେମାନଙ୍କୁ ଧର୍ମାନ୍ତରୀତ କରାଯାଉଛି । ସେମାନଙ୍କର ଝିଅ ବୋହୂମାନଙ୍କୁ ଅପହରଣ କରି ନିଆଯାଉଛି । ମଠ, ମନ୍ଦିର ଓ ପବିତ୍ର ପୀଠମାନଙ୍କ ଉପରେ ଆକ୍ରମଣ ହେଉଛି ଏବଂ ସେଗୁଡିକୁ ଭାଙ୍ଗି ଦିଆଯାଉଛି। ଏ ବିଷୟରେ ହିନ୍ଦୁମାନେ ଅଭିଯୋଗ କଲେ ମଧ୍ୟ କେହି ଶୁଣନ୍ତି ନାହିଁ କି ଶୁଣିବାକୁ କେହି ଲୋକ ନାହାଁନ୍ତି । ମାନବାଧିକାର ସଂଗଠନ କହିଛି ଯେ, ଏଥିପାଇଁ ଅନେକ ହିନ୍ଦୁ ପାକିସ୍ତାନ ଛାଡି ଚାଲି ଯାଉଛନ୍ତି । ଯେଉଁମାନେ ରହି ଯାଉଛନ୍ତି, ସେମାନଙ୍କର ଧର୍ମ ସ୍ଥଳୀକୁ ନଷ୍ଟ କରି ଦିଆଯାଉଛି । ଲ୍ୟାଣ୍ଡ ଜିହାଦ ବୃଦ୍ଧି ପାଇଛି । ଜମି ମାଫିଆମାନେ ହିନ୍ଦୁମାନଙ୍କର ଜମିକୁ ଜବର ଦଖଲ କରି ନେଉଛନ୍ତି । ସିନ୍ଧର ଲ୍ୟାଣ୍ଡ ଜିହାଦିମାନେ ମିଥ୍ୟା 'ପାଓ୍ୱାର ଅଫ୍ ଆଟର୍ଣ୍ଣି'କରି ସେମାନଙ୍କର ଜମି ଅଧିକାର କରି ନେଉଛନ୍ତି । ଏକ୍ସପ୍ରେସ ଟ୍ରିବ୍ୟୁନ (The Express Tribune) ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ୨୦୧୪ ସୁଦ୍ଧା ୯୫ ପ୍ରତିଶତ ହିନ୍ଦୁ ମନ୍ଦିରକୁ ଧ୍ୱଂସ କରି ଦିଆଯାଇଛି । ତଥ୍ୟ ଅନୁଯାୟୀ ୧୯୯୦ ପରଠାରୁ ସଂଖ୍ୟାଲଘୁ ସମ୍ପ୍ରଦାୟର ୪୨୮ଟି ଧର୍ମପୀଠ ମଧ୍ୟରୁ ୪୦୮ଟି ଭାଙ୍ଗି ଦିଆଯାଇଛି । ତା' ଉପରେ ସମାଧି, ଶୌଚାଳୟ, ଦୋକାନ, ରେଷ୍ଟୁରାଂଟ, ସରକାରୀ ଅଫିସ ଓ ବିଦ୍ୟାଳୟ ଗଢି ଉଠିଛି । ସେଠାରେ କେବଳ ୨୦ଟି ଧର୍ମପୀଠ ଅଛି ଯେଉଁଠାରେ ପୂଜା ପାଠ କରାଯାଉଛି । ଅନେକ କେତେକ ମନ୍ଦିର ଅଛି ସେଠାକୁ ଯିବା ପାଇଁ ବାଟ ବନ୍ଦ କରି ଦିଆଯାଇଛି । ଯାହାଫଳରେ ସେଠାକୁ କେହି ପୂଜା ପାଠ କରିବା ପାଇଁ ଯାଇ ପାରିବେ ନାହିଁ । ଏକ୍ସପ୍ରେସ ଟ୍ରିବ୍ୟୁନର ଏକ ରିପୋର୍ଟ ଅନୁଯାୟୀ,ଡେରା ଇସମାଇଲ ଖାନରେ ଥିବା କାଳୀ ବରୀ ହିନ୍ଦୁ ମନ୍ଦିରକୁ ଜଣେ ମୁସଲମାନଙ୍କୁ ଭଡା ଦିଆଯାଇଛି । ସେମାନେ ସେହି ମନ୍ଦିରକୁ ତାଜମହଲ ହୋଟଲ ଭାବରେ ବ୍ୟବହାର କରୁଛନ୍ତି ।

ପାକିସ୍ତାନର କରାଚିରେ ଥିବା ୧୦୦୦ ବର୍ଷର ପୁରାତନ ବରୁଣ ମନ୍ଦିର ଶୌଚାଳୟ ଭାବରେ ବ୍ୟବହୃତ । ଏହି ମନ୍ଦିର ପାକିସ୍ତାନ ପାଇଁ ଏକ ଐତିହାସିକ ପୀଠ ହେବା କଥା । କିନ୍ତୁ ଏହା ହେଲା ନାହିଁ । ୨୦୦୮ରେ ଡେଲି ଟାଇମ୍ସ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ମନ୍ଦିରର ଏକ ଅଂଶ ଶୌଚାଳୟ ଭାବେ ବ୍ୟବହୃତ ହେଉଛି । ଏଠାରେ ୧୯୫୦ ମସିହାରେ ହିନ୍ଦୁମାନେ ଲାଲ ସାଇ ବରୁଣ ଦେବଙ୍କ ଶେଷ ପର୍ବ ପାଳନ କରିଥିଲେ । ଯେତେବେଳେ ଏ ଖବର ସାରା ବିଶ୍ୱରେ ପ୍ରଚାରିତ ହେଲା ସେତେବେଳେ ମନ୍ଦିରର ପୁନରୁଦ୍ଧାର ଖବର ସାମ୍ନାକୁ ଆସିଲା । ସେହିପରି ପାକିସ୍ତାନ ଖାଇବର ପାଖ୍‌ଟନଖୱା କରକର ଜିଲ୍ଲାର ଏକ ଛୋଟ ଗାଁ ଟେରିରେ କୃଷ୍ଣ ମନ୍ଦିର ଥିଲା । ଏହାର ଚତୁଃପାର୍ଶ୍ୱରେ ଘରଦ୍ୱାର କରି ଦିଆଯାଇଥିଲା । ମନ୍ଦିରର ପ୍ରବେଶ ପଥକୁ ମଧ୍ୟ ବନ୍ଦ କରି ଦିଆଯାଇଥିଲା । ଏବେ ଏହି ମନ୍ଦିରର ପୁନରୁଦ୍ଧାର ପାଇଁ ଜୋର ସୋର ଆନ୍ଦୋଳନ ଚାଲିଛି । ଏହିପରି ଅନେକ ଘଟଣା ଅଛି । ପାକିସ୍ତାନ ହିନ୍ଦୁ ପରିଷଦ ଅନୁଯାୟୀ, ପାକିସ୍ତାନରେ ସଂଖ୍ୟାଲଘୁମାନଙ୍କର ୧୪୦୦ରୁ ଅଧିକ ପବିତ୍ର ସ୍ଥାନ ବା ଧର୍ମପୀଠ ଅଛି ଯାହାର ଚିହ୍ନବର୍ଣ୍ଣ ନାହିଁ । ସେହି ପବିତ୍ର ପୀଠଗୁଡିକ ଉପରେ ଦୋକାନ, ଗୋଡାଉନ ଆଦି ତିଆରି ହୋଇଛି । କିଛି ବର୍ଷ ପୂର୍ବେ କରାଚିର ଜଣେ ସାମ୍ବାଦିକ ତଥା ଲେଖକ ରେମା ଅବାସି (Reema Abbasi) ତାଙ୍କର ପୁସ୍ତକ 'ପାକିସ୍ତାନରେ ଐତିହାସିକ ମନ୍ଦିର-ଏ କଲ୍ ଟୁ କନ୍‌ସାଇନ୍ସ' (Historic Temples in Pakistan: A Call to Conscience)ରେ ପାକିସ୍ତାନରେ ଥିବା ମନ୍ଦିରଗୁଡିକର ସୁନ୍ଦର ସୁନ୍ଦର ଫଟୋଗୁଡିକ ପ୍ରକାଶିତ କରିଛନ୍ତି । ଏବେ ସେହି ବହିରେ ଥିବା ମନ୍ଦିରଗୁଡିକ ପାକିସ୍ତାନରେ ଦେଖିବାକୁ ମିଳୁନାହିଁ । ଖନନ ଦ୍ୱାରା ମିଳୁଥିବା ହିନ୍ଦୁ ମୂର୍ତି ଏବଂ କଳାକୃତିକୁ ପାକିସ୍ତାନ ଗ୍ରହଣ କରିବାକୁ ନାରାଜ । ଦେଶର ସରକାର ଅଣ-ଇସଲାମିକ ଐତିହ୍ୟକୁ ଗ୍ରହଣ କରିବାକୁ ସର୍ବଦା ପଛଘୁଂଚା ଦେଉଛି । ଭାରତ ବିଭାଜନ ପରେ ପାକିସ୍ତାନରେ ଶହ ଶହ ମନ୍ଦିର ହଠାତ ବିନା ଶବ୍ଦରେ ଅଦୃଶ୍ୟ ହୋଇଗଲେ। ସେ ସ୍ଥାନରେ ଅନେକ ମସଜିଦ, ଦୋକାନ ଏବଂ ଅନ୍ୟାନ୍ୟ ଅଟ୍ଟାଳିକାଗୁଡିକ ଗଢି ଉଠିଲା । ଅତୀତକୁ ଲିଭାଇବାକୁ ଏଠାରେ ପ୍ରୟାସଗୁଡିକ ସ୍ପଷ୍ଟ ହୋଇଛି । ପାକିସ୍ତାନରେ ସଂଖ୍ୟାଲଘୁମାନଙ୍କ ଧର୍ମପୀଠଗୁଡିକୁ ଭାଙ୍ଗିବା ଏବଂ ତା' ଉପରେ ନୂଆ ଢାଂଚା ତିଆରି କରିବା କିଛି ନୂଆ କଥା ନୁହେଁ । ପ୍ରତିମାସରେ ଗଣମାଧ୍ୟମରେ ପ୍ରକାଶ ପାଉଛି ପାକିସ୍ତାନରେ ମନ୍ଦିର ଭଙ୍ଗା ଯାଇ ମସଜିଦ୍ ନିର୍ମାଣ ଚାଲିଛି । ପଡୋଶୀ ଦେଶ ସହିତ ଶାନ୍ତି ବିଷୟରେ କଥା ହେବା କିନ୍ତୁ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରିବା । ଏହା ହେଉଛି ଇମ୍ରାନ୍ ଖାନଙ୍କ ନୂଆ ପାକିସ୍ତାନର ନୂଆ ଚାଲ। ବିଶେଷ କରି ମନ୍ଦିର ଉପରେ ଆକ୍ରମଣ କରିବା ପାକିସ୍ତାନରେ ଏକ ପ୍ରକାର ଧାରା ହୋଇ ସାରିଛି । ବିଶ୍ୱ ଦରବାରରେ ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର ହେଉଛି ବୋଲି କହି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରୁଥିବା ଇମ୍ରାନ୍ ଖାନଙ୍କ ନୂଆ ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ, ଅତ୍ୟାଚାର ଓ ମନ୍ଦିର ଭଙ୍ଗା ଘଟଣା ବିଶ୍ୱରେ ପାକିସ୍ତାନର ଭାବମୂର୍ତ୍ତିକୁ ନଷ୍ଟ କରିଦେଇଛି ।

ଗୋଲଖ ଚନ୍ଦ୍ର ଦାସ,
ଘିଗିଡିଆ, ବାରୁଅ,କେନ୍ଦ୍ରାପଡା ।
ମୋ-୯୮୬୧୦୨୮୫୫୩

ପାଣି ପାଇଁ ଛଟପଟ ୫୦ ପରିବାର, ପାନୀୟ ଜଳ ପ୍ରକଳ୍ପ ଅଚଳ

ଆନନ୍ଦପୁର (ପିଏନ୍): ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାପାଇଁ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ଗାଁରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଛି । ବିଭିନ୍ନ ସ୍ଥାନରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ କରାଯାଇ ଜଳ ଯୋଗାଣ କରାଯାଉଛି । ହେଲେ ଗ୍ରୀଷ୍ମ ଆରମ୍ଭରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇଯାଇ ଥିବାରୁ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ପଦନପୁର ଗ୍ରାମର ୫୦ ପରିବାର ମାସେ ହେଲା ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ପଦନପୁର ଗ୍ରାମବାସୀଙ୍କୁ ଜଳ ଯୋଗାଣ ପାଇଁ ଏକ ସୋଲାର ଚାଳିତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ଓଭରହେଡ୍ ଟାଙ୍କି ବସାଯିବା ସହ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଥିଲା । କିନ୍ତୁ ଆଜକୁ ମାସେ ହେଲା ପ୍ରକଳ୍ପ ଅଚଳ ହୋଇ ପଡିଥିବାରୁ ଗ୍ରାମର ୫୦ ପରିବାର ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ବାଧ୍ୟ ହୋଇ ଲୋକମାନେ କୂଅ ଏବଂ ପୋଖରୀ ପାଣିକୁ ବ୍ୟବହାର କରୁଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଅଭିଯୋ ।ଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପ୍ରକଳ୍ପ ମରାମତି କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

ବିଷାକ୍ତ ବିଚାରଧାରା

ମୂଳଲେଖା-ଡା. ରାଜିବ ମିଶ୍ର, ଅନୁବାଦ-ଇଂ. ବିଦ୍ୟାଧର ପଣ୍ଡା



ମାନନୀୟା ରଶ୍ମିରେଖା ମହାରଣାଙ୍କ ସୁଦୟାରୁ ମୋତେ କିଛି ଦିନ ତଳେ ଗୋଟିଏ ଅଦ୍ଭୁତ ପୁସ୍ତକର ସଂସ୍ପର୍ଶରେ ଆସିବାର ସୁଯୋଗ ମିଳିଲା। ମୂଳ ପୁସ୍ତକଟି ହିନ୍ଦୀଭାଷାରେ ଏବଂ ଏହାର ଲେଖକ ଡା. ରାଜିବ ମିଶ୍ର, ଏବେ ବିଦେଶରେ ରହୁଛନ୍ତି। ବହିର ନାଁ 'ବିଷାକ୍ତ ବାମପନ୍ଥୁ' ଏବଂ ଏହାର ଦ୍ୱିତୀୟ ସଂସ୍କରଣ ବହୁତ ଶୀଘ୍ର ବଜାରକୁ ଆସିପାରେ। ମୋର ସୌଭାଗ୍ୟ ଯେ ରାଜିବଭାଇ ମୋ ପାଖକୁ ତାଙ୍କର ପାଣ୍ଡୁଲିପିର ଏକକୀତା ନକଲ ପଠାଇଛନ୍ତି। ପ୍ରଥମ ସଂସ୍କରଣଟି ମୋ ମତରେ ସାମ୍ପ୍ରତିକ ପରିସ୍ଥିତି ପାଇଁ ଏକ ଅମୂଲ୍ୟ ରତ୍ନ। ପୁସ୍ତକଟିକୁ ଅଧ୍ୟୟନ ପରେ କାହାର ବି ବିଚାରଧାରାରେ ଆମୂଳଚୂଳ ପରିବର୍ତ୍ତନ ଆସିବା ସ୍ୱାଭାବିକ୍। ତେଣୁ ତୁରନ୍ତ ବଡଭାଇ ଡା. ରାଜିବ ମିଶ୍ରଙ୍କର ଅନୁମତି ଭିକ୍ଷା କରି ଏହାର ଅନୁବାଦ କର୍ମରେ ଏବେ ନିଜକୁ ଲିପ୍ତ କରିବାର ସୌଭାଗ୍ୟ ଅର୍ଜନ କରିଛି। ଏହି ଯାତ୍ରାରେ ମାନନୀୟା ରଶ୍ମିରେଖା ମହାରଣା ଭଉଣୀଙ୍କର ପ୍ରୋତ୍ସାହନ ମିଳୁଥିବାରୁ, ତାଙ୍କୁ ଅନେକ ଅନେକ ଧନ୍ୟବାଦ। ଆଜିର ଏହି ଆଲେଖ୍ୟରେ ମୁଁ କେବଳ ପ୍ରଥମ ସଂସ୍କରଣ ପୁସ୍ତକଟିର ଭୂମିକାଟିକୁ ଅନୁବାଦ କରି ମୋର ଶ୍ରଦ୍ଧେୟ ପାଠକମାନଙ୍କୁ ଭେଟିଦେବାକୁ ପ୍ରୟାସ କରିଛି।

'ଇତିହାସ ପରି ପ୍ରମୁଖ ଜିନିଷକୁ ଇତିହାସକାରଙ୍କ ଭରସାରେ ଛଡାଯାଇ ପାରେନା' ଉକ୍ତିଟିରେ ଅୟଂ ଆରମ୍ଭ ପୁସ୍ତକଟିର ଭୂମିକା ବି ବହୁତ ସୁନ୍ଦର ହୋଇଛି। ଲେଖକ ଆଲୋଚନା ଶୈଳୀରେ ଲେଖିଛନ୍ତି, ''ବାମପନ୍ଥୁ ଉପରେ ଏକ ପୁସ୍ତକ କାହିଁକି ଲେଖିବା ? ଯାହା ଘଟିଗଲା, ଚାଲି ଗଲା, ସରି ଗଲା, ଆପେଆପେ ଖର୍ଚ୍ଚ ହୋଇଗଲା ତା ଉପରେ ଆଉ ଚିନ୍ତନମନ୍ଥନ କରି ସମୟ ନଷ୍ଟ କରିବା କ'ଣ ନିହାତି ଦରକାର ? ବାମପନ୍ଥୁ ବିଷୟରେ ଲିଖିତ ପୁସ୍ତକ କାହାର ବା ପସନ୍ଦ ହେବ ! ତା'କୁ ପଢିବ କିଏ ? ଆଜି ବାମପନ୍ଥୁ ଆଉ ଅଛି କେଉଁଠି ଯେ କିଏ ତାର ଆଦର ସତ୍କାର କରିବାକୁ ଚାହିଁବ ?'' ରଷିଆରେ ବାମପନ୍ଥୁ ଥିଲା, ପୂର୍ବ ୟୁରୋପରେ ଥିଲା, କୋରିୟା ଏବଂ କ୍ୟୁବାରେ ବଂଚିଛି, ଚୀନ୍‌ରେ ରଙ୍ଗରୂପ ବଦଳେଇ ପୁଂଜିବାଦ (କ୍ୟାପିଟାଲିଜିମ୍) ସାଙ୍ଗରେ ବଢିବାରେ ଲାଗିଛି, ହେଲେ ଆମର ସେଥିରେ ଯାଏ ଆସେ କେତେ !

ଭାରତରେ ଇଏ ପଶ୍ଚିମବଙ୍ଗରୁ ଉଜୁଡିଗଲା, ତ୍ରିପୁରାରେ ନଷ୍ଟ ହୋଇଗଲା, କାଲି କି ପଅରଦିନ କେରଳରେ ବି ମରିଯିବ, ତେଣୁ ଯା' କଥା କ'ଣ ଆଉ କହିବା ! ଭାରତବାସୀଙ୍କ ପାଇଁ ବୋଧହୁଏ ଏହା ଗ୍ରହଣୀୟ ନୁହେଁ, ସବୁଜାଗାରେ ଯାକୁ ଦୂର୍‌ଦୂର୍ ମାର୍‌ମାର୍ କଲେ। ମଦ ପିଇକି କେଉଁ ନାଳରେ ପଡିଛି, କେଉଁ ବୁଦ୍ଧିଜୀବୀଙ୍କର ବହିଥାକରେ କିମ୍ବା ଅଡୁଆ ଦାଢିରେ ରହି ଯେ ଆମର କ'ଣ କ୍ଷତିକରୁଛି ଯେ ଆମେ ଏହା ବିଷୟରେ ଆଜି ଏମିତି ଏତେ ଗୁରୁତ୍ୱ ଦେଉଛେ ! ଏହି ପରିସ୍ଥିତିରେ ବାମପନ୍ଥୁ କାହିଁକି ପ୍ରାସଙ୍ଗିକ ! ସତରେ କ'ଣ ବାମପନ୍ଥୁ ପରାଜୟ ବରଣ କରିସାରିଛି ? କିମ୍ବା ଏହା କେବଳ ରୂପ ବଦଳେଇ ଦେଇଛି ଏବଂ ଏକ ରାଜନୈତିକ ଆନ୍ଦୋଳନ ପରିବର୍ତ୍ତେ ଏକ ସାମାଜିକ ଶକ୍ତି ହିସାବରେ ଆଜି ବି ସତ୍ତା ଭୋଗ କରୁଛି ? କିଶୋରାବସ୍ଥାରେ ପ୍ରାୟ ଲୋକ ବାମପନ୍ଥୀ ରାଜନୀତି ଏବଂ ସେହି ବିଚାରଧାରାର କୌଣସି ନା କୌଣସି କୂଳକୁ ଛୁଇଁଥାନ୍ତି। ପ୍ରତ୍ୟେକ ଯୁବକ ଉଣା ଅଧିକେ ବାମପନ୍ଥୀ ହୋଇଥାନ୍ତି। କିନ୍ତୁ ଅଧିକାଂଶ ସୁସ୍ଥ ମାନସିକତାବାଲା ଲୋକ ଏଥିରୁ ବାହାରକୁ ବାହାରି ପଡି ବଡ ହୋଇଯାଆନ୍ତି। ତଥାପି ବହୁତ ଲୋକ କୌଣସି ନା କୌଣସି ରୂପରେ ବାମପନ୍ଥୀ ବିଚାର ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହୋଇ ସବୁଦିନ ପାଇଁ ରହିଯାନ୍ତି। ସେମାନେ ଏହି ସାମାନ୍ୟ ସାମାଜିକ ବିଚାରବଳ ଦ୍ୱାରା ବାମପନ୍ଥୁ ସମାଜକୁ ସଂଚାଳିତ କରୁଥାନ୍ତି ଏବଂ ନିଜର ବିଷାକ୍ତ କାର୍ଯ୍ୟକ୍ରମ ଚାଲୁ ରଖିବାକୁ ସମର୍ଥ ହୁଅନ୍ତି।

ନିଜର ଯୁବାବସ୍ଥା ମହାବିଦ୍ୟାଳୟରେ ପଠନ କାଳରେ ମୁଁ ବି ବାମପନ୍ଥୀ ଥିଲି। କିନ୍ତୁ ଧିରେଧିରେ ବୁଦ୍ଧିର ବିକାଶ ହେବାରୁ ଏଥିରୁ ବାହାରି ଆସିଲି ବୋଲି ବଂଚିଗଲି। ହେଲେ ନିଜର ସେହି ବାମପନ୍ଥୀ ମନସ୍ଥିତି ବିଚାରକୁ ମୁଁ ବନ୍ଦ କରି ପାରିଲିନି। ବିଗତ କିଛି ବର୍ଷ ହେଲା ସାମାଜିକ ଗଣମାଧ୍ୟମରେ ଲେଖାଲେଖି କରିବା ଭିତରେ ମୁଁ ମୋ ନିଜର ଅନ୍ତଃକରଣ ଦୃଷ୍ଟି ଏବଂ ମନକୁ ସମୃଦ୍ଧ କରିବାକୁ ଲାଗିଲି, ପରେ ମୋତେ ସବୁକିଛି ସ୍ପଷ୍ଟ ହେବାରେ ଲାଗିଲା। କିନ୍ତୁ ମୁଁ ଯଦି ଏହି ବହିର ଶ୍ରେୟ କେବଳ ନିଜେ ନେବାକୁ ଚେଷ୍ଟା କରିବି ତେବେ ଏହା ମୋ ପକ୍ଷରେ ବୌଦ୍ଧିକ ବେଇମାନୀ ହେବ। ମୋର ଦୃଷ୍ଟିକୁ ଅଧିକ ସ୍ପଷ୍ଟ କରିବାର ଶ୍ରେୟ ଆଦରଣୀୟ ବଡଭାଇ ଶ୍ରୀ ଆନନ୍ଦ ରାଜାଧକ୍ଷ ମହାଶୟଙ୍କୁ ଯାଇପାରେ। ମୋତେ ସର୍ବଦା ତାଙ୍କର ବୌଦ୍ଧିକ ଏବଂ ସୁବିଚାରର ମାର୍ଗଦର୍ଶନର ସୌଭାଗ୍ୟ ମିଳିଛି ଏବଂ ତାଙ୍କ ସହିତ ଘଂଟାଘଂଟା ଧରି ବିଚାରବିମର୍ଷ କଲାପରେ ଯାଇ ମୁଁ ଏହି ପୁସ୍ତକର ବିହନ ବୁଣିବାରେ ସମର୍ଥ ହୋଇଛି। ଯଦି ଏହି ପୁସ୍ତକ ଏକ ବହୁବିଧ ବିଚାରର ଫସଲ ହୋଇଥାଏ ତେବେ ଏହାର ବୁଣିବା ଏବଂ ଖତପାଣି ଦେଇ ବଂଚାଇବାର ଶ୍ରେୟ ଆନନ୍ଦଜୀ ଭାଇଙ୍କୁ ହିଁ ଯିବ। ମୁଁ ତ କେବଳ ହିଡ ଏବଂ ବାଡଟିଏ ଏହା ଚାରିପଟେ ବାନ୍ଧି ଏହାର ଜଗୁଆଳି ପରି କାମ କରିଛି ଏବଂ ଆଜି ଏହି ଫସଲ କାଟିବାକୁ ବସିଛି।

ମହାବିଦ୍ୟାଳୟରେ ପଢିବା ସମୟରେ ମୋତେ ବି ମୋର ବିଚାର ଶକ୍ତିର କ୍ରମବିକାଶ କରିବାକୁ ଅନେକ ସାଥୀ ମିଳିଗଲେ। ସନ୍ଧ୍ୟାର ଲମ୍ବା ଆସରର ଚା'ପିଆ ଖଟିରେ ଏବଂ ତାସପାଲି ପଡିବା ଭିତରେ ଲମ୍ବାଲମ୍ବା ରାଜନୈତିକ ତର୍କବିତର୍କ ମୋତେ ସମ୍ଭାଳିଲା, ବଦଳେଇଲା ଏବଂ ପ୍ରକୃତ କଥା ବୁଝେଇବାରେ ମୋ ବାମପନ୍ଥୀ ମନକୁ ସାହାଯ୍ୟ କଲା। ଯଦି ମୁଁ ସେତେବେଳର ମେଡିକାଲ କଲେଜରେ ଅନେକ ସହପାଠୀଙ୍କୁ ମନେ ନପକାଏ ତେବେ ଅନ୍ୟାୟ ହେବ। ମନିଷ ଖାନ୍ନା, ଧୀରଜ ସୈନୀ, ସୁନୀଲ ରୈନା, ଦିନେଶ ତ୍ରିପାଠୀ, ଅଜୟ ଭାରଦ୍ୱାଜ, ଆପଣମାନଙ୍କୁ କେତେ ସନ୍ଧ୍ୟାରେ ଏ ପୁସ୍ତକର କେତେ ବିଷୟକୁ ନେଇ ହଇରାଣ କରିଛି ଗଣନା କରି ହେବନି। ଜାମସେଦ୍‌ପୁରରେ ଅଭ୍ୟୁଦୟ ଏବଂ ପୂର୍ବସୈନିକ ସେବା ପରିଷଦର ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ମୋର ଏହି ବିଚାରଯାତ୍ରାର ସାକ୍ଷୀ ଅଛନ୍ତି ଏବଂ ତାଙ୍କର ବୈଚାରିକ ସାମାଜିକ ପ୍ରତିବଦ୍ଧତା ସଦାସର୍ବଦା ମୋ ପାଇଁ ପ୍ରେରଣାର ସ୍ରୋତ ରହିଥିବେ। ସେ ନିଜେ ଜମି ଉପରେ ସ୍ଥିର ରହି ମୋତେ ମୁକ୍ତାକାଶରେ ଉଡାଣ ଭରିବା ପାଇଁ ପ୍ରୋତ୍ସାହନ ଦେଉଥିଲେ। ତଥାପି ମୋତେ କେବେ ବି ମୂଳରୁ ଅଲଗା ହେବାକୁ ଦେଇନାହାନ୍ତି। ପ୍ରାୟ ଏ ସମଗ୍ର ପୁସ୍ତକ ଭିନ୍ନଭିନ୍ନ ସମୟରେ ଫେସ୍‌ବୁକ ପୃଷ୍ଠାର ଅଂଶ ହୋଇଛି। ମୋର ଯେଉଁ ହଜାର ହଜାର ସାଙ୍ଗ ସେଠାରେ ମୋର ଏହି କୃତିକୁ ପଢି ଲାଇକ୍ ଏବଂ ସେୟାର କରି ଏପରି ଏକ ପୁସ୍ତକ ଲେଖିବା ପାଇଁ ମୋତେ ପ୍ରୋତ୍ସାହନ ଦେଇଛନ୍ତି, ଏ ପୁସ୍ତକ ମୂଳତଃ ସେହିମାନଙ୍କର ସମ୍ପତ୍ତି।

ପ୍ରତ୍ୟେକ ବିବାହିତ ବ୍ୟକ୍ତିମାନଙ୍କ ପରି ନିଜର ଉପଲବ୍ଧି ପାଇଁ ଯଦି ମୁଁ ମୋର ଧର୍ମପତ୍ନୀଙ୍କୁ ଶ୍ରେୟ ନଦିଏ ତେବେ ମୋର ତାଙ୍କ ସହ ଗୋଟିଏ ଛାତତଳେ ବଂଚିବାର ଉପାୟ ନାହିଁ। ପଲ୍ଲବୀର ଶ୍ରେୟ କେବଳ ତା ଭାଗ ସମୟରୁ କାଟି ମୁଁ ଏ ପୁସ୍ତକ ଲେଖିଛି ଏବଂ ସିଏ ମୋତେ କେବଳ ଲେଖିବା ପାଇଁ ଦେଲା ତାହା ନୁହେଁ, ସେ ମୋର ବିଚାରଯାତ୍ରାର ଏକ ବଡ ସହଭାଗିନୀ ଏବଂ ବିରାଟ ସମ୍ବଳ। ଏହି ବାହାନା ବହୁତ ହେବ କି ପଚିଶ ବର୍ଷ ପୂର୍ବେ ଯେବେ ଆମ ଦୁହିଁଙ୍କର ମିଳନ ହେଲା ସେତେବେଳେ ମୁଁ ବାମପନ୍ଥୀ ଥିଲି। ପରେ ଆମ ଭିତ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଏପ୍ରିଲ୍ ୨୧

ଦୁଃଖର ମୁଖ୍ୟ କାରଣ ଦାରିଦ୍ର୍ୟ !

ସୁଖ ବା ଖୁସିକୁ ମାପିବା ସହଜ କଥା ନୁହେଁ; ମାତ୍ର ମଣିଷର ଜୀବନଧାରଣର ମାନ, ଶୈଳୀ, ଚଳଣି, ଶିକ୍ଷାଦୀକ୍ଷା ଆଦିକୁ ଅନୁଧ୍ୟାନ କଲେ ସେ ଖୁସିରେ ଅଛି କି ନାହିଁ, ତାହା ଅବଶ୍ୟ ଜାଣିବା କଷ୍ଟକର ନୁହେଁ। ସାମୂହିକ ଖୁସିକୁ ଆକଳନ କଲେ ଏହା ଆହୁରି ସ୍ପଷ୍ଟ ହୋଇଯାଏ। ଗୋଟିଏ ସମାଜ, ଗାଁ, ରାଜ୍ୟ ବା ଦେଶର ଲୋକେ ଖୁସିରେ ଅଛନ୍ତି କି ନାହିଁ, ତାହାର ସଂପୂର୍ଣ୍ଣ ଠିକ୍ ତଥ୍ୟ ଯୋଗାଡ଼ ଅସମ୍ଭବ ହେଲେ ହେଁ ସେମାନେ କେତେ ଖୁସି ବା ଦୁଃଖରେ ଅଛନ୍ତି, ତାହା ଅବଶ୍ୟ କହିହେବ। ଆମର ଏହି ତଥାକଥିତ ଧନଧାନ୍ୟଭରା ପୃଥିବୀରେ ଅସୁଖ ବା ଦୁଃଖର ସବୁଠୁ ବଡ଼ କାରଣ ଦାରିଦ୍ର୍ୟ, ଏହା ସମସ୍ତେ ଅନୁଭବ କରିପାରୁଥିବେ। ଆଜି ମଧ୍ୟ ବିଶ୍ୱର କୋଣଅନୁକୋଣରେ ରହୁଥିବା ଦେଢ଼ଶହ କୋଟି ଲୋକ ଭୟଙ୍କର ଦାରିଦ୍ର୍ୟ ମଧ୍ୟରେ କାଳାତିପାତ କରନ୍ତି। ଦୁର୍ଭାଗ୍ୟର କଥା ହେଉଛି ଏମାନଙ୍କ ମଧ୍ୟରୁ ୫୪% ଲୋକ ଦକ୍ଷିଣ-ଏସିଆର, ଯେଉଁ ଅଞ୍ଚଳର ଆମେ ବାସିନ୍ଦା। ଆମ ଦେଶ ଓ ଆମ ରାଜ୍ୟ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ଏକଥା ସତ ଯେ ୧୯୯୦ରୁ ୨୦୧୫ ମସିହା ଭିତରର ପରିସଂଖ୍ୟାନ ଦେଖିଲେ ଆମର ଦାରିଦ୍ର୍ୟ ହ୍ରାସ ପାଇଛି; ମାତ୍ର ଅସମାନତା ମଧ୍ୟ ସେହି ପରିମାଣରେ ବଢ଼ିଚାଲିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଧାରଣ ପ୍ରଣାଳୀ, ବ୍ୟକ୍ତିପିଛା ଆୟ ଇତ୍ୟାଦିରେ ଘୋର ବୈଷମ୍ୟ ଯୋଗୁଁ ବୈଶ୍ୱିକ ମାନଦଣ୍ଡଗୁଡ଼ିକରେ ଆମେ ଏବେମଧ୍ୟ ବହୁତ ପଛରେ ପଡ଼ିରହିଛୁ। ଆନ୍ତର୍ଜାତିକ ପ୍ରସନ୍ନତା ଦିବସରେ ଜାତିସଂଘ ଦ୍ୱାରା ଜାରି ବିଶ୍ୱ ପ୍ରସନ୍ନତା ବା ଖୁସି ସୂଚକାଙ୍କ ଓ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଦ୍ୱାରା ପ୍ରକାଶିତ ମାନବ ବିକାଶ ସୂଚକାଙ୍କରୁ ଆମେ ଏହାର ପ୍ରମାଣ ପାଇପାରିବା। ବ୍ୟକ୍ତିପିଛା ଘରୋଇ ଉତ୍ପାଦନ, ଜୀବନଯାପନ ପ୍ରଣାଳୀ, ସାମାଜିକ ସହଯୋଗ, ବିଶ୍ୱାସ, ନିଷ୍ପତ୍ତି ନେବାର ସ୍ୱାଧୀନତା, ଉଦାରତା ଆଦି ମାନଦଣ୍ଡକୁ ଭିତ୍ତି କରି ପ୍ରସନ୍ନତା ସୂଚକାଙ୍କ ପ୍ରସ୍ତୁତ କରାଯାଇଥାଏ। ଏଥରର ୧୫୫ଟି ଦେଶର ତାଲିକାରେ ଭାରତର ସ୍ଥାନ ୧୨୨ ରହିଛି, ଯାହା ବିଭିନ୍ନ କାରଣରୁ ଅସ୍ଥିର ହୋଇପଡ଼ିଥିବା ପାକିସ୍ତାନ ଓ ଆର୍ଥିକ ଦୁର୍ବଳ ନେପାଳଠାରୁ ମଧ୍ୟ ପଛରେ। କେବଳ ଆଫଗାନିସ୍ଥାନ (୧୪୧)କୁ ଛାଡ଼ିଦେଲେ ଅନ୍ୟ ଦକ୍ଷିଣ ଏସୀୟ ଦେଶ ପାକିସ୍ତାନ (୮୦), ଭୁଟାନ (୯୭), ବାଂଲାଦେଶ (୧୧୦) ଓ ଶ୍ରୀଲଙ୍କା (୧୨୦) ମଧ୍ୟ ଏହି ପ୍ରସନ୍ନତା ସୂଚକାଙ୍କରେ ଆମ ଆଗରେ ରହିଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଆମେ ପଛରେ ପଡ଼ିଥିବା ଏଥିରେ ଦର୍ଶାଯାଇଛି। ୟୁଏନ୍‌ଡିପିର ମାନବ ବିକାଶ ସୂଚକାଙ୍କରେ ମଧ୍ୟ ଭାରତର ସ୍ଥାନ ୧୩୧ରେ ରହିଛି। ଆମ ଦେଶ ଓ ରାଜ୍ୟକୁ ଯଦି ଉଦାହରଣ ଭାବେ ନେବା, ଦାରିଦ୍ର୍ୟର ପରିମାଣରୁ ହିଁ ବିକାଶର ମାତ୍ରା କେତେ ତାହା ଅବଶ୍ୟ ଅନୁଭବ କରିବାରେ ଅସୁବିଧା ହେବନାହିଁ। ଭାରତର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ତାଲିକାରେ ଓଡ଼ିଶାର ସ୍ଥାନ ୨୯। ଆମ ରାଜ୍ୟର ୩୨ ଶତାଂଶ ଲୋକ ଏବେ ମଧ୍ୟ ଘୋର ଦାରିଦ୍ର୍ୟ ମଧ୍ୟରେ କାଳାତିପାତ କରୁଥିବାବେଳେ ଦେଶରେ ଏହାର ହାର ୨୧.୯୨ ଶତାଂଶ। ଯେଉଁ ଦେଶ ଓ ରାଜ୍ୟରେ ପ୍ରତିବର୍ଷ ପୁଷ୍ଟିହୀନତାରେ ମଣିଷର ମୃତ୍ୟୁ ଘଟେ, ସେଠାରେ ବିକାଶର ପରିସଂଖ୍ୟାନ ନିରାଶାଜନକ ହେବା ବିଚିତ୍ର ନୁହେଁ। ଆମ ରାଜନୈତିକ ନେତୃତ୍ୱ ବିକାଶର ଗଳାଫଟା ସ୍ଲୋଗାନ ଦେଉଥିଲେ ହେଁ ତାହା ଯେ ଦେଶର ଅର୍ଦ୍ଧାଧିକ ମଣିଷଙ୍କ ପାଇଁ ଏବେ ବି ମୂଲ୍ୟହୀନ, ତାହା ନିଃସନ୍ଦେହ। ଅବଶ୍ୟ ନାଗରିକଙ୍କ ବିକାଶ ନାଁରେ ନିଜନିଜର ବିକାଶ କରିଚାଲିଥିବା ଏହି ପରାଙ୍ଗପୁଷ୍ଟ ଗୋଷ୍ଠୀ ଉପରୋକ୍ତ ସୂଚକାଙ୍କଗୁଡ଼ିକୁ କପୋଳକଳ୍ପିତ ବୋଲି କହିବା କିଛି ଅସ୍ୱାଭାବିକ ନୁହେଁ। ସୋସିଆଲ ମିଡିଆଗୁଡ଼ିକରେ ଏହାକୁ କେହିକେହି ଶାସକବିରୋଧୀ ଲୋକଙ୍କ କୃତ୍ୟ ବୋଲି ମଧ୍ୟ କହୁଥିବା ଦେଖିବାକୁ ମିଳିଛି। ତେବେ ଏଭଳି ସମାଲୋଚନାର କୌଣସି ଭିତ୍ତି ଥିବାପରି ମନେହୁଏ ନାହିଁ। ଦାରିଦ୍ର୍ୟର ଚିହ୍ନକୁ ଯେତେ ଘୋଡ଼ାଇଲେ ବି ତାହା ସହଜେ ଲୁଚେ ନାହିଁ। ଆମେ ଯେତେ ଖୁସିରେ ଅଛୁ କହିଲେ ବି ଦୁଃଖ ଲୁଚିଯାଏ ନାହିଁ। ଯେଉଁମାନେ 'ସବ୍‌କା ସାଥ୍ ସବ୍‌କା ବିକାଶ' ଭଳି ସ୍ଲୋଗାନ ଦେଇଚାଲିଛନ୍ତି, ସେମାନେ ଆତ୍ମସମୀକ୍ଷା କରିବା ଆବଶ୍ୟକ। ଲୋକଦେଖାଣିଆ ଯୋଜନା ବା କାର୍ଯ୍ୟକ୍ରମ ଦ୍ୱାରା ଭୋଟ ମିଳିଯାଇପାରେ; କିନ୍ତୁ ପ୍ରକୃତ ପ୍ରଗତି ହେବନାହିଁ କିମ୍ବା ଦାରିଦ୍ର୍ୟ ହଟିବ ନାହିଁ। ଆନ୍ତର୍ଜାତିକ ମାନଦଣ୍ଡର ପରଖରେ କୃତକାର୍ଯ୍ୟ ହେବାପାଇଁ ଆମକୁ ଆର୍ଥିକ, ସାମାଜିକ ଓ ଲିଙ୍ଗଗତ ଅସମାନତା ବିରୋଧରେ ବଡ଼ ଲଢ଼େଇ ଲଢ଼ିବାକୁ ପଡ଼ିବ, ତାହା ବୁଝିବା ଜରୁରୀ ହୋଇପଡ଼ିଛି। କେବଳ ଦଳେ ଚତୁର ସୁବିଧାବାଦୀ ଲୋକ ନୁହନ୍ତି, ଦେଶର ପ୍ରତ୍ୟେକ ନାଗରିକ ଯେଉଁଦିନ ବିନା ଦାବିରେ ଅନ୍ତତଃ ମୌଳିକ ସୁବିଧାସୁଯୋଗ ହାସଲ କରିବେ, ସେଦିନ ହିଁ ସେମାନେ ପ୍ରକୃତରେ ଖୁସିରେ ରହିବେ।

ଆଜିର ଅନୁଚିନ୍ତା

ଯେଉଁ ବିଦ୍ୟା ଆତ୍ମାର ପରିଚୟ ନ ଦିଏ, ସେହି ବିଦ୍ୟା ପଢ଼ି ଲାଭ କ'ଣ ?

ଆଖି ବୁଜିଲେ ମିଳନ୍ତି...

ପରମାତ୍ମାଙ୍କ ସତ୍ତା ସବୁଠି ପୂରି ରହିଛି। ତାଙ୍କୁ ଖୋଜିବା ଦରକାର ନାହିଁ। ହଜିଥିବା ଜିନିଷକୁ ସିନା ଖୋଜାଯାଏ, ସବୁଠି ପୂରିଥିବା ଜିନିଷକୁ କ'ଣ ଖୋଜିବ ? ଅସଲ କଥା ହେଲା ତାଙ୍କୁ ଆମେ ଦେଖିପାରୁନା। ଦେଖିବାର ଆଖିନେଇ ଗଲେ ସହଜରେ ତାଙ୍କ ଦେଖାମିଳେ। ଆମେ ଯାହାକୁ ଆଖି ବୋଲି କହୁଚୁ ତାହା ପ୍ରକୃତରେ ଆଖି ନୁହେଁ; ଆଲୋକକୁ ଅନୁଭବ କରିବାର ଗୋଟାଏ ମାଧ୍ୟମ। ଯାହା ଦେଖୁଛୁ ତାହା ଅସଲ ଦୃଶ୍ୟ ନୁହେଁ। ଆମେ ଏ ଆଖିରେ ଚକଲେଟ୍‌ର ଜରିକୁ ଦେଖିପାରୁ। ଜରି ଖୋଲା ନହେବା ଯାଏ ତା' ଭିତରର ମିଠା ଚିଜକୁ ଦେଖି ପାରୁନା। ମଣିଷ ଶରୀରକୁ ଦେଖୁ। ତା' ଭିତରର ଶରୀରକୁ ଦେଖିପାରୁନା। ଉଡ଼ାଜାହାଜକୁ ଦେଖୁ, ତା'ର ପାଇଲଟ୍‌କୁ ଦେଖିପାରୁନା। ଯୋଉ ଆଖିରେ ଶରୀର ସହିତ ଶରୀରକୁ ଦେଖିହେବ ତାହା ହିଁ ପ୍ରକୃତ ଆଖି। ସନ୍ଥ ଭୀମଭୋଇ, ସୁର ଦାସ ପ୍ରଭୃତିଙ୍କ ଚର୍ମ ଚକ୍ଷୁ ନଥିଲା। ଥିଲା ଜ୍ଞାନ ଚକ୍ଷୁ। ଯୋଉଥିରେ ସେ ସୁନାକୁ ମାଟି ମଣୁଥିଲେ। ଆମ ଆଖିରେ ଯାହା ସୁନା, ତାଙ୍କ ଆଖିରେ ତାହା ମାଟି। ଆମ ଆଖିରେ ଯାହା ଟଙ୍କା, ଶ୍ରୀରାମକୃଷ୍ଣ ପରମହଂସଙ୍କ ଆଖିରେ ତାହା ମାଟି। ଆମ ଆଖିରେ ଯେ ଜାୟା, ତାଙ୍କ ଆଖିରେ ସେ ଜନନୀ ଥିଲେ। ଆମେ ଯାହାକୁ ଆଖି କହୁ ତାହା ଅନ୍ଧତ୍ୱର ଆଉ ଗୋଟାଏ ସୋପାନ। ଆମେ ବିରାଟ କୋଠାକୁ ଦେଖି ମୁଗ୍ଧ ହେଉ, କୋଠାର ମାଲିକକୁ ବଡ଼ଲୋକ କହୁ। ଆଖି ଥିଲାବାଲାଙ୍କ ଦୃଷ୍ଟିରେ ସେ ଦରିଦ୍ର, ଅଭାବୀ। ଏ ନେଇ ଛୋଟ କାହାଣୀଟିଏ। ଥରେ ଏକ ପ୍ରତିଯୋଗିତା ହେଉଥିଲା। ଲମ୍ବା କୋଠରି। ଉଜ୍ଜ୍ୱଳ ଆଲୁଅରେ ଆଖି ଝଲସିଯାଉଛି। କୋଠରିର ସାମ୍ନା କାନ୍ଥରେ ହାତପାଆନ୍ତାରେ ପେଣ୍ଡୁଟିଏ ଝୁଲୁଛି। ପ୍ରତିଯୋଗୀ ସେହି ପେଣ୍ଡୁଟିକୁ ଏକାଥରକେ ଧରିବେ। ଆଉ ଆଣି ଆସିବେ। ପ୍ରଥମ ପ୍ରତିଯୋଗୀଙ୍କ ଆଖିରେ ପଟି ବନ୍ଧାଗଲା। ଦ୍ୱିତୀୟ ପ୍ରତିଯୋଗୀଙ୍କ ଆଖି ବନ୍ଧା ହେଲାନି; କୋଠରୀର ଆଲୁଅ ଲିଭାଇଦିଆଗଲା। ତୃତୀୟ ପ୍ରତିଯୋଗୀଙ୍କ ସମୟରେ ଲୁହବୁହା ବାଷ୍ପ ଛାଡ଼ିଦିଆଗଲା। ତିନିଜଣ ପ୍ରତିଯୋଗୀଙ୍କ ଆଖି ଥିଲା, ମାତ୍ର ଦେଖିବାର ଉପାୟ ନ ଥିଲା। ସେମାନେ ପେଣ୍ଡୁ ପର୍ଯ୍ୟନ୍ତ ଯାଇପାରିଲେ ନାହିଁ। ଦୃଷ୍ଟିଶକ୍ତି ଥାଇ ବି ଏ ଆଖି କାମରେ ଆସୁନି। ମଣିଷର ଆଉଗୋଟିଏ ଆଖି ଅଛି। ସେଥିରେ ରହିଛି ପ୍ରେମ, କରୁଣା, ଦୟା, କ୍ଷମା ଭଳି ମହନୀୟ ଗୁଣ। ସେହି ଆଖିରେ ଜଗତକୁ ଦେଖିଲେ ମନ ସ୍ୱଚ୍ଛ ଓ ପବିତ୍ର ଥାଏ। ମନ ନିର୍ମଳ ହେଲେ ପରମାତ୍ମା ଛାଏଁ ଦେଖାଯାଆନ୍ତି। ଅଜ୍ଞାନର କୁହୁଡ଼ି ଅପସରି ଯାଏ। ପରମାତ୍ମାଙ୍କୁ ଖୋଜିବା ନୁହେଁ; ଦେଖିବାର ଇଚ୍ଛା ହିଁ ଏ କୁହୁଡ଼ିକୁ ଦୂରେଇ ଦିଏ। ସମୁଦ୍ରରେ ବୁଡ଼ି ରତ୍ନ ସନ୍ଧାନ କଲାପରି ଆଖି ବୁଜି ନିଜ ଭିତରେ ବୁଡ଼ିଲେ ତାଙ୍କ ଦେଖା ମିଳିଯାଏ। ପରମାତ୍ମାଙ୍କୁ ଦେଖିବା ପାଇଁ ବାହାର ଆଖି ବୁଜିବାକୁ ହେବ। ବାହାର ଆଖି ବୁଜିଲେ ଭିତରେ ଆଖି ଖୋଲେ। ତାଙ୍କ ଦେଖା ମିଳେ। ସେଥିପାଇଁ ଉପାସନା ପୀଠରେ ଆଖିବୁଜି ପ୍ରାର୍ଥନା କରୁ। ତେଣୁ ଆଖି ବୁଜିଦେଲେ ମିଳନ୍ତି ସିଏ।

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ

କଳ୍ପବଟ

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ବିଶ୍ୱବିଜୟୀ ଭାରତୀୟ

ସୌମେନ୍ଦ୍ର ଜେନା

କଥାରେ କହନ୍ତି ଯାହା ନାହିଁ ଭାରତେ ତାହା ନାହିଁ ଜଗତେ । ଅର୍ଥାତ୍ ଭାରତରେ ଯାହା ନାହିଁ ଜଗତରେ ତାହା ନାହିଁ। ଏହାର ଅର୍ଥ ହେଲା ଭାରତର ଜଗତ ସହ ରହିଥିବା ପାରସ୍ପରିକ ପରିପୂରକ ସଂପର୍କ। ଭାରତରେ ଯେଉଁସବୁ ବିବିଧତା ଦୃଶ୍ୟମାନ ହୋଇଥାଏ, ସେହିସବୁ ବିବିଧତାକୁ ନେଇ ଭାରତୀୟମାନେ ଜଗତକୁ ଅଧିକ ସୁନ୍ଦର ହେବାରେ କାରକ ହୋଇଥାନ୍ତି। ଏହି ବିବିଧତା ଜ୍ଞାନରୁ ବିଜ୍ଞାନ, ଅଧ୍ୟାତ୍ମରୁ ଅଙ୍କ ପର୍ଯ୍ୟନ୍ତ ପରିବ୍ୟାପ୍ତ। ସେଥିପାଇଁ ଭାରତର ଐତିହ୍ୟ, ପରମ୍ପରାକୁ ଯୁଗେ ଯୁଗେ ବିଦେଶୀ ପର୍ଯ୍ୟଟକ ଫାହିୟାନ, ମେଘାସ୍ଥିନିସ ଆଦି ପ୍ରଶଂସା କରିଛନ୍ତି। ସମୟକ୍ରମେ ବହିର୍ବାଣିଜ୍ୟ, କୃଷି, ଜ୍ଞାନ ବିଜ୍ଞାନ, ଆଧ୍ୟାତ୍ମିକ ଚିନ୍ତା ଓ ଚେତନାକୁ ଭାରତୀୟମାନେ ସମଗ୍ର ବିଶ୍ୱକୁ ପରିବ୍ୟାପ୍ତ କରି ଅନ୍ୟମାନଙ୍କୁ ପ୍ରଭାବିତ କରିଆସିଛନ୍ତି। ଅତୀତରେ ସନାତନୀ ଚେତନା, ବୌଦ୍ଧଧର୍ମ ଯେପରି ଭାରତରୁ ବାହାରି ପୃଥିବୀକୁ ଆଲୋକିତ କରିଥିଲା, ଠିକ୍ ସେହିପରି ଭାରତୀୟ ସଂସ୍କୃତି ଏସିଆ ମହାଦେଶର ବିଶାଳ ଭୂଖଣ୍ଡକୁ ଚେତନାଦୀପ୍ତ କରିଥିଲା। ସେଥିପାଇଁ ପୃଥିବୀର ଅନ୍ୟାନ୍ୟ ଧର୍ମରେ ଗୋଟିଏ ଗ୍ରନ୍ଥ ଥିଲାବେଳେ ଭାରତର ସନାତନୀମାନଙ୍କର ଧାର୍ମିକ ଗ୍ରନ୍ଥର ଭଣ୍ଡାର ବିଶାଳ।

ଏସିଆରୁ ଆଫ୍ରିକା, ଅଷ୍ଟ୍ରେଲିଆ, ଇଉରୋପ ଆଦି ମହାଦେଶରେ ଭାରତୀୟମାନେ ଅତୀତରୁ ଆଜିଯାଏ ନିଜସ୍ୱ ଦକ୍ଷତା ପ୍ରଦର୍ଶନ କରି ଅନ୍ୟମାନଙ୍କୁ ଚମତ୍କୃତ କରିଆସିଛନ୍ତି। ଋଷି କଣାଦଙ୍କ ପରମାଣୁତତ୍ତ୍ୱ, ବରାହ ମିହିରଙ୍କ ଗଣନା, ଆର୍ଯ୍ୟଭଟ୍ଟଙ୍କର ମହାକାଶ ତତ୍ତ୍ୱ ଆଦି ପୃଥିବୀର ଜନମାନସକୁ ହଜାର ହଜାର ବର୍ଷ ଧରି ପ୍ରଭାବିତ କରିଆସିଛି। ବିଶ୍ୱର ଜ୍ଞାନ ଭଣ୍ଡାରକୁ ସମୃଦ୍ଧ କରିବାରେ ଏମାନଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ବୌଦ୍ଧ, ଜୈନ, ସନାତନୀ, ଶିଖ୍ ଆଦି ଧାର୍ମିକ ଚେତନା ଭାରତରୁ ବାହାରି ବିଶ୍ୱର କୋଣ ଅନୁକୋଣକୁ ବ୍ୟାପିଛି। ଅତୀତରେ ଧର୍ମପ୍ରସାରଣରେ ପଦ୍ମସମ୍ଭବ ଓ ନାଗାର୍ଜୁନ, ଶାସନର ବୃଦ୍ଧିରେ ରାଜେନ୍ଦ୍ର ଚୋଳ, ଶୈଳେନ୍ଦ୍ର ଆଦି ରାଜା ମହାରାଜାମାନେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷିତ କରାଇବାକୁ ସକ୍ଷମ ହୋଇଥିଲେ। ଭାରତୀୟ ମନିଷୀଙ୍କ ମନୀଷା ଯୋଗୁ ଜଗତର ଜ୍ଞାନଭଣ୍ଡାର ବେଶ୍ ପରିପୂର୍ଣ୍ଣ ହୋଇଥିଲା। ଶାସନଗତ ସୁବିଧା ପାଇଁ ଜନପଦଗୁଡ଼ିକର ପରିକଳ୍ପନା, ପେସାଦାର ଲୋକଙ୍କ ସୁବିଧାପାଇଁ ପାରମ୍ପାରିକ ପାରିବାରିକ ସ୍ତରରେ ଭିନ୍ନ ଭିନ୍ନ ପେସାଗତ ଶିକ୍ଷାର ବ୍ୟବସ୍ଥା ଆଦି କାର୍ଯ୍ୟକାରୀ କରିବାରେ ଭାରତ ହିଁ ଆଗୁଆ ରହିଥିଲା। ହଜାର ହଜାର ବର୍ଷ ଧରି ଭିନ୍ନ ଭିନ୍ନ ପେସାର ପରିବାର ଓ ସମାଜ ସୃଷ୍ଟିରେ ଭାରତ ଯେଉଁ ପରମ୍ପରା ସୃଷ୍ଟି କରିଥିଲା ତାହା ଆଜି ସମସ୍ତଙ୍କୁ ଚକିତ କରୁଛି। ଭାରତୀୟ ଲୋକେ ଇତିହାସର ବ୍ରୋଞ୍ଜ ଯୁଗରେ କେନ୍ଦ୍ର ଏସିଆର ଭିନ୍ନ ଭିନ୍ନ ଦେଶରେ ବାଣିଜ୍ୟ କେନ୍ଦ୍ର ସ୍ଥାପନ କରିଥିବାର ପ୍ରମାଣ ଏବେ ମିଳୁଛି। ସେହିପରି ଆଧୁନିକ କାଳରେ ଭୋଲଗା ନଦୀର ମୁହାଁଣରେ ଖ୍ରୀ: ୧୬୧୦ ବେଳକୁ ଭାରତୀୟ ବେପାରୀମାନେ ବଣିଜ କରିବା ସହ ଅଷ୍ଟ୍ରାଖାନ, ମସ୍କୋ, ସେଣ୍ଟ ପିଟର୍ସବର୍ଗରେ ମଧ୍ୟ ନିଜର ସ୍ଥିତିକୁ ମଜଭୁତ କରିଥିଲେ। ସୁଲତାନ, ଶିକରପୁର, ପାରସ୍ୟର ସାଫାବିଡ, ହମାଦାନ, କେରମାନ ଆଦି ସ୍ଥାନରେ ଭାରତୀୟ ବେପାରୀମାନେ ଏକଦା ଖୁବ୍ ପ୍ରସିଦ୍ଧି ଲାଭ କରିଥିଲେ। ତେଣୁ ଇରାନରେ ଅଟୋମନ ଓ ଅଫଗାନ ଯୁଦ୍ଧ (୧୭୨୨-୨୭) କାଳରେ ବହୁସଂଖ୍ୟକ ଭାରତୀୟ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଥିଲା । ଭାରତୀୟ ବ୍ୟବସାୟୀମାନେ ଆର୍ମେନୀୟ, ଇହୁଦିମାନଙ୍କ ସହ ମିଳିମିଶି ରହୁଥିବା ବିଷୟ ନେଇ ଜିନ୍ ଚର୍ଡିନ, ଜିନ ଡେ ଥେଭେନଟ୍, ଆଡାମ ଓଲେରିୟସ, ଏଫ ଏ କୋଟୋଭ ପ୍ରମୁଖ ସେମାନଙ୍କ ଲେଖାରେ ଉଲ୍ଲେଖ କରିଛନ୍ତି । ଜର୍ଜ ଫୋରେଷ୍ଟରଙ୍କ କହିବାନୁସାରେ ଖ୍ରୀ: ୧୭୮୩ ବେଳକୁ ସମରକନ୍ଦ ଓ ବୁଖାରନ୍‌ର ବ୍ୟବସାୟୀମାନେ କାନ୍ଦାହାରର ଭାରତୀୟ ହିନ୍ଦୁ ବେପାରୀଙ୍କଠାରୁ ଅନେକ ବସ୍ତୁ କ୍ରୟ କରି ସେମାନଙ୍କ ଦେଶରେ ବିକ୍ରି କରୁଥିଲେ। ଖ୍ରୀ: ୧୮୧୫ରେ ଏଲଫିନଷ୍ଟୋନ ଦେଖିଥିଲେ ଯେ ସବୁଠୁ ବଡ ଘରଗୁଡିକ ହିନ୍ଦୁ ବ୍ୟବସାୟୀମାନଙ୍କର ଥିଲା। ଆଫଗାନିସ୍ଥାନର କାନ୍ଦାହାରରେ ୩୫୦ରୁ ଅଧିକ ଦୋକାନ ହିନ୍ଦୁମାନଙ୍କର ମାଲିକାନାରେ ଥିବା ନେଇ ଲୁମ୍ବଡେନ୍ ଉଲ୍ଲେଖ କରିଛନ୍ତି। ମଧ୍ୟପ୍ରାଚ୍ୟକୁ ଅର୍ଥ, ମୂଲ୍ୟବାନ ଧାତୁ, କପଡା ଆଦି ଏମାନେ ଯୋଗାଉଥିଲେ। କାବୁଲ, ପେଶାୱାର, ବଲ୍‌ଖ ଆଦି ସ୍ଥାନରେ ବସବାସ କରୁଥିବା ହିନ୍ଦୁ ବ୍ୟବସାୟୀମାନେ କେନ୍ଦ୍ର ଏସିଆର ରାଷ୍ଟ୍ରଗୁଡିକ ସହ ବାଣିଜ୍ୟ କରୁଥିଲେ। ଚୀନର ଜିନ୍‌ଜିୟାଙ୍ଗ ପ୍ରଦେଶରେ ହିନ୍ଦୁ ବ୍ୟବସାୟୀମାନଙ୍କୁ ଉଇଘୁର ମୁସଲିମମାନେ ଟାର୍ଗେଟ କରି ହତ୍ୟା କରୁଥିବା ନେଇ ବ୍ରିଟେନ ସରକାରଙ୍କ ନିକଟରେ ଅଭିଯୋଗ ହୋଇଥିଲା । କାଶ୍ମୀରର ସାମ୍ବା ବଜାରରେ ଦୁଇଜଣ ହିନ୍ଦୁ ବ୍ୟବସାୟୀଙ୍କୁ ଅତି ନୃଶଂସ ଭାବେ ଉଇଘୁର ଲୋକେ ହତ୍ୟା କରିଥିଲେ। ହିନ୍ଦୁ ବ୍ୟବସାୟୀମାନଙ୍କୁ କାସଗରୀ ଗୋଷ୍ଠୀ ଟାର୍ଗେଟ କରି ହତ୍ୟା କରୁଥିଲେ। ୨୩ ମାର୍ଚ୍ଚ ୧୯୩୩ରେ ପୋସଗାମ ଏବଂ ବାରଘାଲିକଠାରେ ସମାନ ଢଙ୍ଗରେ ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଥିଲା। ବୁଘରା ଅମିରଙ୍କ ଦ୍ୱାରା ଖୋତାନଠାରେ ହିନ୍ଦୁ ବ୍ୟବସାୟୀ ହତ୍ୟାର ଶିକାର ହୋଇଥିଲେ । ୨୪ ମାର୍ଚ୍ଚ ୧୯୩୩ରେ ବାର୍ଘାଲିକ ଏବଂ କେରିୟାଠାରେ ଝୟ ସାହେବ ଦୀପଝନ୍ଦଙ୍କ ସମେତ ନଅ ଜଣ ହିନ୍ଦୁଙ୍କୁ ହତ୍ୟା କରାଯାଇଥିଲା। ୧ମ ଶତାବ୍ଦୀରେ ଚୀନ ୟୁନାନ୍ ପ୍ରଦେଶ ହାନ୍ ରାଜାଙ୍କ ଶାସନ କାଳରେ ଦେଶରେ ମିଶ୍ରଣ ହେବା ବେଳେ ସୋନଡୁ ନାମକ ଭାରତୀୟ ଗୋଷ୍ଠୀ ଚୀନରେ ଥିବାର ଉଲ୍ଲେଖ ମିଳିଥାଏ।

ଇଂରେଜମାନଙ୍କ ଶାସନ କାଳରେ ପୂର୍ବ ଉତ୍ତର ପ୍ରଦେଶ ଓ ବିହାରର ଭୋଜପୁରୀ ଏବଂ ଅବଧି କହୁଥିବା ଶ୍ରମିକମାନେ ଅନ୍ୟ ଦେଶକୁ ଚାଷକାର୍ଯ୍ୟ କରିବାକୁ ଯାଇଥିଲେ। ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ଏହି ଗିରିମିଟିଆ ଶ୍ରମିକମାନେ ମରିସସ, ଗୁଏନା, ତ୍ରିନିଦାଦ ଓ ଟୋବାଗୋ, ସୁରିନାମ, ଜାମାଇକା, ଗୁଆଡେଲୋପ, ମାର୍ଟିନିକ, ବେଲିଜେ, ଗ୍ରେନେଡାଇନ୍, ସେଣ୍ଟ ଲୁସିଆ, ଫିଜି, ରିୟୁନିଅନ, ସେଚେଲେସ, ମାଲେସିଆ, ସିଙ୍ଗାପୁର, କେନିଆ, ସୋମାଲିଆ, ତାଞ୍ଜାନିଆ, ଉଗାଣ୍ଡା, ଦକ୍ଷିଣ ଆଫ୍ରିକା ଆଦି ଦେଶଗୁଡିକୁ ଯାଇଥିଲେ। ସେହିପରି ଗୁଜରାଟୀ ଏବଂ ସିନ୍ଧି ବ୍ୟବସାୟୀମାନେ ଆରବର ଏଡେନ, ଓମାନ, ବାହାରିନ,ଦୁବାଇ, ଦକ୍ଷିଣ ଆଫ୍ରିକାରେ ବସବାସ

କ୍ରମାଗତ ସରକାରୀ ଅବହେଳା ପ୍ରତିବାଦରେ ପ୍ରାଣୀଚିକିତ୍ସକମାନଙ୍କ ଆନ୍ଦୋଳନ ଡାକରା

କନ୍ଧମାଳ: ଓଡ଼ିଶା ଭଳି କୃଷି ପ୍ରଧାନ ରାଜ୍ୟରେ ପ୍ରାଣୀପାଳନ ଗ୍ରାମ୍ୟ ଅର୍ଥନୀତିରେ ଅନ୍ୟତମ ପ୍ରମୁଖ ଅଂଶୀଦାରର ଭୂମିକା ନିର୍ବାହ କରେ । ମୁଖ୍ୟତଃ ଆତ୍ମନିଯୁକ୍ତି, ମହିଳା ସଂଶକ୍ତିକରଣ,ଅପପୁଷ୍ଟି ନିବାରଣ ଇତ୍ୟାଦିରେ ଏହି କ୍ଷେତ୍ରରେ ପ୍ରଭୁତ ଅବଦାନ ରହିଛି ।ରାଜ୍ୟ ସରକାରଙ୍କ ଅଧିନସ୍ଥ ପ୍ରାଣୀ ସମ୍ପଳ ବିକାଶ ବିଭାଗରେ କାର୍ଯ୍ୟରତ ପ୍ରାଣିଚିକିତ୍ସକମାନେ ମୁକ ନିରୀହ ପଶୁପକ୍ଷୀଙ୍କ ସେବା ଓ ଚିକିତ୍ସା କରିବା ସହିତ ଗରିବ ଶ୍ରେଣୀର ଚାଷୀ ମାନଙ୍କ ପାଇଁ ଜିବୀକାସୃଷ୍ଟି ଜନସ୍ୱାସ୍ଥ୍ୟ,ଉତ୍କୃଷ୍ଟ ମାନର ପୃଷ୍ଟିସାର ଯୁକ୍ତ ଖାଦ୍ୟ ଉତ୍ପାଦନ ଦ୍ୱାରା ଅପପୃଷ୍ଟି ନିବାରଣ ଦିଗରେ ସର୍ବଦା ଚେଷ୍ଟାରତ ।ବାର୍ଷିକ ଶତକଡା ୧ପ୍ରତିଶତରୁ କମ ବଜେଟ ଅନୁଦାନ ସତ୍ତ୍ୱେ ସେମାନଙ୍କର ନିଷ୍ଠାପର ଓ ନିରବଚ୍ଛନ୍ନ ଉଦ୍ୟମ ଯୋଗୁଁ ରାଜ୍ୟ ପ୍ରାଣୀଚିକିତ୍ସକମାନଙ୍କ ଆପ୍ରାଣ ପ୍ରଚେଷ୍ଟା ଯୋଗୁଁ ଆମ ରାଜ୍ୟ ବଭିନ୍ନ ଜାତୀୟ ଯୋଜନାର କାର୍ଯ୍ୟନ୍ୱୟନରେ ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି । ଆବଶ୍ୟକ ଭିତିଭୁମି,ଉପକରଣ ଇତ୍ୟାଦିର ଘୋର ଅଭାବ ସତ୍ତ୍ୱେ ଏମାନେ ସମାଜକୁ ନିଷ୍ଠାପର ସେବା ଯୋଗାଇ ଆସିଛନ୍ତି । ସେହିପରି ବିଗତ ୨୦ପର୍ଷ ମଧ୍ୟରେ ମାନବ ସମ୍ପଳ ୩୦ପ୍ରତିଷତକୁ ହ୍ରାସ ପାଇଥିଲେହେଁ ବିଭାଗୀୟ କାର୍ଯ୍ୟ୩୦୦ପ୍ରତିଶତକୁ ବୃଦ୍ଧି ପାଇଛି । ଏସବୁ ଅଭାବ ପୁରଣ କରିବାକୁ ଯାଇ ପ୍ରାଣି ଚିକିତ୍ସକ ମାନେ ନିଜର ବ୍ୟକ୍ତିଗତ ସମ୍ପତି ଓ ସମୟକୁ ଉପଯୋଗ କରିବାକୁ ମଧ୍ୟ ପଶ୍ଚାତପଦ ହୋଇନାହାନ୍ତି । ନକଟ ଅତୀତରେ 'କରୋନା ଯୋଦ୍ଧା'ର ମାନ୍ୟତା ମିଳିନଥିଲେ ହେଁ ଲକ୍‌ଡାଉନ ଓ ସଟଡାଉନ୍ ସମୟରେ ମଧ୍ୟ ନିଜର ଓ ନିଜ ପରିବାରର ଜୀବନକୁ ବାଜି ଲଗାଇ ୨୪ଘଂଟା ସେବା ଯୋଗାଇ ଆସିଛନ୍ତି ।୧୪ଗୁଣନ ୭ସେବା ଯୋଗାଇ ଆସିଛନ୍ତି । ତେବେ ପ୍ରାଣୀଚିକିତ୍ସକ ମାନଙ୍କ ଏପରି କର୍ତବ୍ୟନିଷ୍ଠା ସତ୍ତ୍ୱେ ସେମାନଙ୍କ ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରିବା ପରିତାପର ବିଷୟ । ବିଗତ ଦିନରେ ସାଧାରଣ ଡାକ୍ତରଙ୍କ ସହ ସମାନ ପଦମର୍ଯ୍ୟଦାରେ କାର୍ଯ୍ୟ କରୁଥିବା ପ୍ରାଣିଚିକିତ୍ସକମାନଙ୍କୁ ସରକାର ଦୀର୍ଘ ୧୫ବର୍ଷ ହେବ ଏହି ସାମାଜିକ ସମ୍ମାନରୁ ବଂଚିତ କରିଛନ୍ତି । ପ୍ରାଣୀଚିକିତ୍ସକ ମାନେ ସାଧାରଣ ଡାକ୍ତରଙ୍କ ପରି ୫ବର୍ଷ ୬ମାସର ପାଠ୍ୟକ୍ରମ ମଧ୍ୟରେ ସମାନ ବିଷୟମାନ ପାଠ କରିଥାନ୍ତି ।କାର୍ଯ୍ୟକ୍ଷେତ୍ରରେ ମଧ୍ୟ ସମାନ ପ୍ରକାରର ସେବା ଯୋଗାଇଥାନ୍ତ । ଉଭୟ ଡାକ୍ତର ଏଲୋପାଥିକ ଚିକିତ୍ସା କରିଥାନ୍ତି । ଏହିସବୁ ବିଷୟକୁ ହୃଦୟଙ୍ଗମ କରି କେନ୍ଦ୍ର ସରକାର ଓ ଦେଶର ୨୦ରୁ ଉର୍ଦ୍ଧ ରାଜ୍ୟ ସରକାର ଉମୟ ଡାକ୍ତରଙ୍କୁ ସମାନ ପଦମର୍ଯ୍ୟଦା ଦେଇ ଆସୁଛନ୍ତି । କିନ୍ତୁ ବିଗତ ୧୫ବର୍ଷ ମଧ୍ୟରେ ସାଧାରଣ ଡାକ୍ତରଙ୍କ ପରି କନିଷ୍ଠ ପ୍ରଥମ ଶ୍ରେଣୀ ବର୍ଗରେ ପ୍ରାରମ୍ଭିକ ନିଯୁକ୍ତି ପାଇଁ ପ୍ରାଣୀ ଚିକିତ୍ସକମାନେ ବାରମ୍ବାର ଦାବୀ ଉପସ୍ଥାପନ କରିଆସୁଥିଲେ ମଧ୍ୟ ଓଡ଼ିଶା ସରକାର ଭିତିହୀନ କାରଣମାନ ଦର୍ଶାଇ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ।ଏନେଇ ପ୍ରାଣୀ ଚିକିତ୍ସକମାନେ ବହୁବାର ଆନ୍ଦୋଳନ କରିବାକୁ ଚିନ୍ତା କରିଥିଲେ ମଧ୍ୟ ବିଭିନ୍ନ ପ୍ରକାର ସାମୟୀକ ସମସ୍ୟା ଯଥା ବନ୍ୟା,ବାତ୍ୟା,ବାର୍ଡ ଫ୍ଲୁ, କୋଭିଡ୍-୧୯ ଇତ୍ୟାଦି କାରଣରୁ ସମାଜିକ ଦାୟିତ୍ୱ ନିର୍ବାହ କରି ବାରମ୍ବାର ଏଥିରୁ ବିରତ ହୋଇଛନ୍ତି । ବର୍ତମାନ ପରସ୍ଥିତିରେ ଚରମ ସରକାରୀ ଉଦାସୀନତାର ଶିକାର ଓଡ଼ିଶାର ପ୍ରାଣୀଚିକିତ୍ସକମାନେ ସରକାରଙ୍କର ଏହି ବୈମାତୃକ ମନୋଭାବ ଯୋଗୁଁ ଅତିଷ୍ଠ ହୋଇ ପଡିଲୋଣି । ପୂର୍ବପରି ନିଷ୍ଠାପର ଭାବେ ସେବା କରିବାର ମନୋବୃତି ହରାଇ ବସିଛନ୍ତି । ଏସବୁ ଅସୁବିଧାକୁ ଆଧାରରେ ପ୍ରାଣିଚିକିତ୍ସକମାନେ କଳବ୍ୟତ ପରିଧାନ ପୂର୍ବକ,ଆସନ୍ତା ଏପ୍ରିଲ ୨୫ତାରିଖରୁ ଡିଜିଟାଲ ସେବା ବର୍ଜନ କରିବା ପାଇଁ ନିଷ୍ପତି ନେଇଛି ସଂଘ ଏଥିସହିତ ଆସାନ୍ତା ମେ ମାସ ୧ତାରିଖରୁ କଲମ ଛାଡ,ଚିକିତ୍ସାଳୟ ପରିସର କାର୍ଯ୍ୟ ନିଘଂଟ ଓ କାର୍ଯ୍ୟ ଦିବସ ବାହାରେ ସେବା ବିରତି । ମେ ୧୫ତାରିଖରୁ ସମୁହ ଛୁଟି ସହିତ ୨୦୨୧ ମେ ୨୫ତାରିଖରୁ ସମୁହ ଇସ୍ତଫା ଦେବେ ବୋଲି ସଂଘ ତରଫରୁ ନିଷ୍ପତି ନିଆଯାଇଛି । ଏଥିଯୋଗୁଁ ଆଗାମୀ ଦିନରେ ଜନସାଧାରଣଙ୍କ ପାଇଁ ଉପୁଜିବାକୁଥିବା ଅସୁବିଧା ପାଇଁ ଓଡ଼ିଶା ପ୍ରାଣିଚିକିତ୍ସା ସେବା ସଂଘ ଦୁଃଖ ପ୍ରକାଶ କରିବା ସହିତ ଏଥି ସହିତ ଓଡ଼ିଶା ସରକାରଙ୍କୁ ଦାୟୀ କରିଛି । ତେବେ ଜନସାଧାରଣଙ୍କ ଦୃଷ୍ଟିରେ ରଖି ଆନ୍ଦୋଳନ ପୂର୍ବରୁ ସେମାନଙ୍କ କନିଷ୍ଠ ପ୍ରଥମ ଶ୍ରେଣୀ ବର୍ଗରେ ପ୍ରାରମ୍ଭିକ ପଦକ୍ଷେପ ସ୍ତରରେ ହୋଇଆସୁଥିବା ଦାବୀକୁ ସରକାର ମାନିନେବା ଉଚିତ ବୋଲି ଜନମତ ପ୍ରକାଶ ପାଇଛି । କନ୍ଧମାଳ ଜିଲ୍ଲା ସଭାପତି ଡ.ମନୋଜ ସାହୁଙ୍କ ସମେତ ଜିଲ୍ଲା ସଂଯୋଜକ ଡ.ରଞ୍ଜିତ ସାମାନ୍ତ ସିଂଘାର,ମହିଳା ସଂଯୋଜିକା ଡ.ଅଳକା ପଟ୍ଟନାୟକ, ସିଡିଭିଓ ଡ.ଜୀବନ କୃଷ୍ଣ ସାହୁ,ଏଡିଭିଓ ଡ.ସନ୍ତୋଷ ପଟ୍ଟନାୟକ, ଫାର୍ମା ପରିଚାଳକ ଡ.ପିକେ ମହାଲିକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ସ୍ମରଣିକା ଉନ୍ମୋଚିତ

ବାରିପଦା: ରାଜର୍ଷି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ପାଠାଗାର ପରିସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ଡ଼ଃ ମୋହିତ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ରଚିତ ଏକ ମର୍ଜାଦାଜନକ ସ୍ମରଣିକା ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ରବୀନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହାରାଜାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ଡ଼ଃ ଷଡ଼ଙ୍ଗୀ ସ୍ମରଣିକା ପ୍ରସ୍ତୁତିର ଉଦ୍ଦେଶ୍ୟ ସହ ସମ୍ପାଦକଙ୍କ ଦାୟିତ୍ୱ ସମ୍ପର୍କରେ ନିଜର ଅଭିଜ୍ଞତା ଉପସ୍ଥାପନ କରାଇଥିଲେ । ଏହାପରେ ସ୍ମରଣିକାଟି ଲୋକାର୍ପିତ ହୋଇଥିଲା । କାର୍ଯ୍ୟକ୍ରମରେ ଇନ୍ଦ୍ରାଣୀ ଚାଟାର୍ଜୀ ଗୀତାପାଠ, ପାଠାଗାରର ସମ୍ପାଦକ ବସନ୍ତ କୁମାର ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସେହିପରି ଅବସରପ୍ରାପ୍ତ ପ୍ରଧାପକ ତଥା କବି ସନତ୍ ଦାସ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କଟକରେ ରହଣି ସମୟରେ କଟକଠାରେ ମହାରାହାଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀରାମଚନ୍ଦ୍ର ଭବନରେ ତାଙ୍କର ସ୍ମୃତିକୁ ସ୍ମରଣ କରିବା ସହିତ ମହାରାଜା, ମୟୂରଭଞ୍ଜ ଓ ବାରିପଦାର ସାଂସ୍କୃତିକ ତଥା ବିଭିନ୍ନ କାର୍ଯ୍ୟକ୍ରମକୁ ଆଧାର କରି ବକ୍ତବ୍ୟ ଉପସ୍ଥାପନ କରିଥିବା ସମୟରେ ସଭାରେ କଳ୍ପନା ଷଡ଼ଙ୍ଗୀ, ସରୋଜ କୁମାର ପାଣିଗ୍ରାହୀ, ଅଜୟ କୁମାର ମହାପାତ୍ର, ଧନେଶ୍ୱର ପଣ୍ଡା, ନରସିଂହ ବାରିକ, ସତ୍ୟାନନ୍ଦ ଶେଜପଡ଼ା, ବୃନ୍ଦାବନ ଦାଶ, ବଳଦେବ ଶତପଥୀ, ଜୟନ୍ତ ପାଲ, ଯୋଗେନ୍ଦ୍ର ନାଥ ପଣ୍ଡା, ସତ୍ୟବ୍ରତ ମହାନ୍ତି, ରଶ୍ମୀରେଖା ଷଡ଼ଙ୍ଗୀ, ବିଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମକୁ ରଞ୍ଜନ ବେନାର୍ଜୀ ପରିଚାଳନା କରିଥିବା ବେଳେ ଆଶିଷ କୁମାର ବସା ଧନ୍ୟବାଦ ଅର୍ପଣ କରିଥିଲେ ।

କନ୍ଧମାଳ ଜିଲ୍ଲାରେ ପୁଣି ଖୋଲିବ କୋଭିଡ ହସପିଟାଲ

କନ୍ଧମାଳ: କନ୍ଧମାଳ ଜିଲ୍ଲାରେ କରୋନାର ସଂକ୍ରମଣ ଥମିବାପରେ ଜିଲ୍ଲାର ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ପରିସରରେ ଖୋଲିଥିବା କୋଭିଡ ହସପିଟାଲକୁ ବନ୍ଦ କରାଯାଇଥିଲା । ତେବେ ବର୍ତମାନ ପୁଣି କରୋନାର ଦ୍ୱିତୀୟ ସଂକ୍ରମଣର ଲହରୀ ବୃଦ୍ଧି ପାଇବା ସହିତ ଏହା ଦ୍ରୁତ ଗତିରେ ବଢିବାରେ ଲାଗିଛି । ବର୍ତମାନ ସୁଦ୍ଧା ଜିଲ୍ଲାରେ ୧୨୦ ଜଣ ସଂକ୍ରମିତ ଚିକିତ୍ସାଧିନ ଥିବାବେଳେ ଏହି ଲହରରେ ଜଣଙ୍କର ମୃତ୍ୟୁ ହୋଇଛି । ଆଗକୁ ଏହି ସଂକ୍ରମଣ ଉଗ୍ରରୁପ ନେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରସାସନ ପକ୍ଷରୁ ପୁଣି କୋଭିଡ ହସପିଟାଲ ଖୋଲିବାପାଇଁ ପ୍ରସ୍ତୁତି କରାଯାଇଥିଲା । ଆଜି ଏଥିପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କିମସ୍ କର୍ତୃପକ୍ଷଙ୍କ ସହିତ କନ୍ଧମାଳ ଜିଲ୍ଲା ପ୍ରଶାସନ ତରଫରୁ କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡିଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

ନେସ୍କୋ ଉପଭୁକ୍ତା ମଂଚ ପକ୍ଷରୁ ବିଜୁଳି ଶୁଳ୍କ ବୃଦ୍ଧି ଓ ଘରୋଇ କରଣ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା: ଓଡ଼ିଶାରେ ୬ ମାସ ମଧ୍ୟରେ ଦୁଇ ଥରରେ ପ୍ରତି ୟୁନିଟ ପିଛା ୫୦ ପଇସା ଲେଖାଏଁ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କକୁ ପ୍ରତ୍ୟାହାର କରାଯିବା, ଘରୋଇ କମ୍ପାନୀ ହାତରେ ବିଦ୍ୟୁତ୍ ବିଭାଗର ପରିଚାଳନା ଦାୟିତ୍ୱ ହସ୍ତାନ୍ତରକୁ ବାତିଲ କରାଯିବା ସହ ସବୁ ଦିନ ପର୍ଯ୍ୟନ୍ତ ନିବୃତ ରହିବା, ଦିଲ୍ଲୀ ରାଜ୍ୟ ଭଳି ଓଡ଼ିଶାରେ ପ୍ରତ୍ୟେକ ବିଦ୍ୟୁତ୍ ଉପଭୁକ୍ତାମାନଙ୍କୁ ୨୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଯୋଗାଇ ଦେବା ଏବଂ ପିଟିପିଏସ ବନ୍ଦ କରାଯିବା ନିମନ୍ତେ କେନ୍ଦ୍ର ସରକାର ନେଇଥିବା ନିଷ୍ପତିକୁ ତୁରନ୍ତ ବାତିଲ କରାଯିବା ଆଜି ବିଭିନ୍ନ ଦାବୀ ନେଇ ଆଜି ବାରିପଦା ନେସ୍କୋ ଉପଭୁକ୍ତା ମଂଚ ପକ୍ଷରୁ ସଭାପତି ନନ୍ଦ କୁମାର ମହାପାତ୍ର, ଯୁଗ୍ମ ଆବାହକ ଅମଳ ଦେ, ଉପସଭାପତି କାହ୍ନୁ ଚରଣ ବେହେରା, ଜିଲ୍ଲା କମିଟି ସଦସ୍ୟ ଗିରିନ୍ଦ୍ର କୁମାର ଗୋସ୍ୱାମୀ ଓ ଦେବେନ୍ଦ୍ର ନାଥ କୁଣ୍ଡୁ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଆଜି ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠାରେ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଉକ୍ତ ସ୍ମାରକପତ୍ରରେ ବିଶ୍ୱମହାମାରୀ କରୋନା ଜନସାଧାରଣଙ୍କ ରୁଜିରୁଟିକୁ ଛଡ଼ାଇ ନେଇଥିବା ବେଳେ ସେମାନେ ବଂଚି ରହିବା ନିମନ୍ତେ ସଂଗ୍ରାମ ଜାରି ରଖିଛନ୍ତି । ଏହିଭଳି ଘଡ଼ିସନ୍ଧି ସମୟ ମଧ୍ୟରେ ଜନସାଧାରଣ ଗତି କରୁଥିବା ବେଳେ ବିଦ୍ୟୁତ୍ ଶୁଳ୍କକୁ ବୃଦ୍ଧି କରାଇବା ଜନମାରଣ ଓ କମ୍ପାନୀ ତୋଷଣ ଆଭିମୁଖ୍ୟ ବୋଲି ଉଲ୍ଲେଖ କରାଯାଇଛି । ୨୦୧୫ରେ ଓଡ଼ିଶା ସରକାର ଅନୀଲ ଆମ୍ବାନୀ କମ୍ପାନୀକୁ ବିଦ୍ୟୁତ୍ ଆବଂଟନରୁ ଅପସାରିତ କରାଇବାର ପରବର୍ତି ସମୟରେ ପ୍ରତ୍ୟେକ ୨ ବର୍ଷ ବ୍ୟବଧାନରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରାଇ ଆସୁଥିବା ବେଳେ ବର୍ତମାନ ଟାଟା କମ୍ପାନୀ ହାତକୁ ବିଦ୍ୟୁତ୍ ଆବଂଟନ ଦାୟିତ୍ୱକୁ ଓଡ଼ିଶା ସରକାର ଟେକି ଦେଇଛନ୍ତି ଏବଂ ଟାଟା କମ୍ପାନୀ ଦାୟିତ୍ୱ ନେବାର ୬ ମାସ ମଧ୍ୟରେ ୨ ଥର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରାଇଛି । ଯାହା ଘରୋଇ କରଣ ଓ ଦର ବୃଦ୍ଧି ମଧ୍ୟରେ ରହିଥିବା ଘନିଷ୍ଠ ସମ୍ପର୍କକୁ ପ୍ରମାଣିତ କରାଇ ଦେଇଛି । ଏଣୁ, ଏହି ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କକୁ ସରକାର ଅବିଳମ୍ବେ ପ୍ରତ୍ୟାହାର କରାଇ ନେବା ନିମନ୍ତେ ସୁବ୍ୟବସ୍ଥା କରାଇ ରାଜ୍ୟବାସୀଙ୍କୁ ଦେୟ ବୃଦ୍ଧି ନିର୍ଯ୍ୟାତନାରୁ ମୁକ୍ତ କରାଇବା ନିମନ୍ତେ ନେସ୍କୋ ଉପଭୁକ୍ତା ମଂଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନଙ୍କ ନିକଟରେ ଦାବୀ କରାଯାଇଛି ।

ବଳକା ଖାଦ୍ୟ ବଂଟନ

କୋରେଇ: ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ବିପଦରେ ସାଥି ପକ୍ଷରୁ ବଳକା ଖାଦ୍ୟ ବଂଟନ କରାଯାଇଛି ।ଖାଦ୍ୟ ଥିବା ଖବର ପାଇଁ ସଙ୍ଗଠନର ସଦସ୍ୟ ମାନଙ୍କ ଦ୍ୱାରା ତାକୁ ଅଣାଯାଇଥିଲା । ଏହି ବଳକା ଖାଦ୍ୟକୁ ପାଣିକୋଇଲି, ପଥରପଦା ବେଙ୍ଗା ଆଦିବାସୀ ସାହିରେ ବଂଟନ କରାଯାଇଥିଲା । ନିୟମିତ ଭାବେ ବଳକା ଖାଦ୍ୟ ବଂଟନ କାର୍ଯ୍ୟକ୍ରମ ଜାରି ରଖିଥିବା ଆମେ ବିପଦରେ ସାଥି ସଙ୍ଗଠନ ଏବେ ଜଳଛତ୍ର ଓ ପଶୁପକ୍ଷୀ ମାନଙ୍କୁ ଜଳ ଯୋଗାଣରେ ବ୍ୟସ୍ତ ରହିଛି । ବିପଦରେ ସାଥି ସଦସ୍ୟ ସୁବାସ ଧଳ, ମନମୋହନ ବାରିକ, ସୁଧାଶଙ୍କର ବିଶ୍ୱାଳ, ରାକା ପରିଡା, ସୁଶାନ୍ତ ସେନାପତି, ଅଜୟ ପୃଷ୍ଟି, ଅଂଜନ ଦାଶ, ବାଦଲ ନାୟକ, ବିକାଶ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଉନତ୍ରୀଂଶ ତମ ସ୍ୱ-ନକ୍ଷତ୍ର ଉତ୍ସବ ଓ ପୂଜ୍ୟ ପୂଜା କାର୍ଯ୍ୟକ୍ରମ

କନ୍ଧମାଳ: କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଉନତ୍ରୀଂଶ ତମ ସ୍ୱ-ନକ୍ଷତ୍ର ଉତ୍ସବ ଓ ପୂଜ୍ୟ ପୂଜା କାର୍ଯ୍ୟକ୍ରମ କୋଭିଡ୍ କଟକଣା ନିତିନିୟମ ଅନୁସାରେ ଫୁଲବାଣୀ ମାଷ୍ଟପଡା ସ୍ଥିତ ପାରିଜାତ କଲ୍ୟାଣୀ ମଣ୍ଡପ ଠାରେ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ଅଧ୍ୟକ୍ଷତା କରି ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ଦିର୍ଘ ୨୯ ବର୍ଷ ମଧ୍ୟରେ କନ୍ଧମାଳ ଜିଲ୍ଲା ତଥା ଜିଲ୍ଲା ବାହାରର ଲୋକଙ୍କ ନିକଟରେ ଏହାର ନିରବଚ୍ଛିନ୍ନ କାର୍ଯ୍ୟକ୍ରମ ଏବଂ ଲେଖକ ଓ କବି ମାନଙ୍କ ଠାରୁ ଆରମ୍ଭ କରି କୁନିକୁନି ପିଲାଙ୍କର ମନୋରଞ୍ଜନ ଓ ସାଂସ୍କୃତିକ ବ୍ୟକ୍ତି ଶିକ୍ଷା ଦିଗରେ ପାରଦର୍ଶୀତା ହାସଲ କରିଥିବା ଛାତ୍ରଛାତ୍ରୀ,ସ୍ୱେଚ୍ଛାସେବୀ,ରକ୍ତଦାତା ଓ ଅନୁଷ୍ଠାନକୁ ଲୋକଲୋଚନକୁ ଆଣିବା ଭଳି ବିଭିନ୍ନ ପଦକ୍ଷେପ ପାଇଁ ପ୍ରସିଦ୍ଧି ଲାଭ କରିବା ସହିତ ଜିଲ୍ଲା ତଥା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁ ଚରଣ ଶତପଥୀ ପରିଚାଳନା କରିଥିଲେ । ଏହି ସ୍ୱନକ୍ଷତ୍ର ଉତ୍ସବର ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଏବଂ ସମ୍ମାନୀତ ଅତିଥି ଭାବେ ବାଲିଗୁଡା ଶାନ୍ତିମୈତ୍ରୀ ଅନୁଷ୍ଠାନର ସମ୍ପାଦକ ସ୍ୱେଚ୍ଛାସେବୀ, ଭଗବାନ ଜେନା,ପ୍ରାଧପାକ ତୀର୍ଥ ଜାନି, ବରିଷ୍ଠନାଗରିକ ଡ. ଅନନ୍ତ ଚରଣ ମିଶ୍ର ଅନୁଷ୍ଠାନର କାର୍ଯ୍ୟକାରୀ ସଦସ୍ୟା କଳ୍ପନା ରାଣୀ ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଭୈରବୀ ମହାବିଦ୍ୟାଳୟ ପୁରୁଣା କଟକର ଅଧ୍ୟକ୍ଷ ଡକ୍ଟର ପୂର୍ଣ୍ଣେନ୍ଦୁ ତ୍ରିପାଠୀ ଯୋଗ ଦେଇ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଇତିବୃତ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଅତିଥି ମାନଙ୍କ ଦ୍ୱାରା ବନଜ୍ୟୋତ୍ସ୍ନା ବିଷୁବ ସଂଖ୍ୟାର ଉନ୍ମୋଚନ ହେବା ସହ ଡକ୍ଟର କାହ୍ନୁ ଚରଣ ଶତପଥୀ ଙ୍କ ଚତୁର୍ଥ ଗଳ୍ପ ପୁସ୍ତକ ଜହ୍ନ ରାତିର ବାଟୋଇ,ବସନ୍ତ ପଲେଇଙ୍କ କବିତା ପୁସ୍ତକ ସବ୍ୟସାଚୀ,ପ୍ରଦୀପ କହଁରଙ୍କ କବିତା ପୁସ୍ତକ ପକ୍ଷୀ ଓ ଚିତ୍ରପଟ୍ଟ ଉନ୍ମୋଚିତ ହୋଇଥିଲା । କବି ସୁବାସ ଚନ୍ଦ୍ର ପ୍ରଧାନ କାକଟପୁର, ପୁରୀ ଙ୍କୁ ବନଜ୍ୟୋତ୍ସ୍ନା ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁଶ୍ରୀ ସାଇ ପ୍ରଣିତା ମହନ୍ତି,ଶ୍ରୀ ଦିଲ୍ଲୀପ କୁମାର ସାହାଣୀ,ଡକ୍ଟର ରାଜକିଶୋର ବେହେରା,ସ୍ନେକ ହେଲ୍ପ ଲାଇନ୍-ଫୁଲବାଣୀ, ଚଳିତ ବର୍ଷର ଶେଷ ରକ୍ତଦାତା ଭାବରେ ବ୍ରହ୍ମାନନ୍ଦ କଟା, ଜିଲ୍ଲାରେ ବାଲ୍ୟ ବିବାହ ରୋକିବାରେ ଆଗ୍ରଣୀ ଭୁମିକା ରଖିଥିବା ସୁଶ୍ରୀ ତୃପ୍ତି ରାଣୀ ସାହୁ, ଲଙ୍କେଶ୍ୱର କହଁର,ଭିନ୍ନକ୍ଷମ ରକ୍ତଦାତା ଭାବରେ ତପନ କୁମାର ଭୋଳ, ମିନାକ୍ଷୀ କହଁର,ସିଗ୍ନାରାଣୀ କହଁର,ଏ.ସନ୍ତୋଷ କୁମାର ପାତ୍ର , ଭାଗ୍ୟସ୍ମିତା ପାଢୀ ଏବଂ ରୀତା ଜାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ଅନ ଲାଇନ୍ ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ପ୍ରତିଯୋଗି ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । କିରଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉତ

ମୋ ଓଡ଼ିଶା

୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି , ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଗତକାଲି ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । କୋଭିଡ୍ କଟକଣା ଅନୁପାଳନ ପୂର୍ବକ ଏହି ଉତ୍ସବକୁ ସରକାରୀ ସ୍ତରରେ ପାଳନ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନୁମତି ପ୍ରଦାନ ପରେ ଏହି କାର୍ଯ୍ୟକ୍ରମ ଉଭୟ ମଂଚ ଓ ଭର୍ଚୁଆଲ ବ୍ୟବସ୍ଥା ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଓଡିଶା ବିଧାନ ସଭାର ମାନ୍ୟବର ବାଚସ୍ପତି ଡଃ. ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବାଚସ୍ପତି, ପ୍ରାଚୀନ ଓଡିଶାର ଗୌରବମୟ ଇତିହାସ ଓ ଭୁବନେଶ୍ୱରକୁ ରାଜଧାନୀ କରିବାର ପୃଷ୍ଠଭୂମି ସଂପର୍କରେ ଆଲୋକପାତ କରି କହିଲେ ଯେ, ସହରର ବିକାଶରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଫଳରେ ଏହାର ରୂପରେଖରେ ପରିବର୍ତନ ହୋଇଛି ଓ ବୃହତର ସହରର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ବିକାଶ ଯୋଗୁଁ ରାଜଧାନୀ ଭୁବନେଶ୍ୱର ସମସ୍ତଙ୍କର ପ୍ରିୟ ହୋଇପାରିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ଆମ ରାଜଧାନୀକୁ ଆମେ ସର୍ବଦା ସୁନ୍ଦର ଓ ନିର୍ମଳ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତବ୍ୟ ବୋଲି ଡଃ.ପାତ୍ର ପ୍ରକାଶ କରିଥିଲେ । ରାଜ୍ୟ ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ମନ୍ଦିରମାଳିନୀ ସହରରୁ ବିକଶିତ ହୋଇ ସ୍ମାର୍ଟ ସିଟିର ମାନ୍ୟତା ପାଇ ଦେଶରେ ଅଗ୍ରଣୀ ସହରର ସମତୁଲ୍ୟ ହେବା ଆମ ସମସ୍ତଙ୍କ ପାଇଁ ଗୌରବର କଥା ବୋଲି କହିଥିଲେ । ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ୨୦୧୧ ମସିହାଠାରୁ ଏହି ଉତ୍ସବ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକୃତି ଫଳରେ ସରକାରୀ ସ୍ତରରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ପାଳନ କରାଯାଉଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଓଡିଶା ରିଭ୍ୟୁ ତଥା ଉତ୍କଳ ପ୍ରସଙ୍ଗର ସଂପାଦକ ଡଃ. ଲେନିନ୍ ମହାନ୍ତି, ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସନତ କୁମାର ମହାନ୍ତି, ରାଜଧାନୀ ପ୍ରତିଷ୍ଠା ଦିବସର ସଭାପତି ତଥା ବରିଷ୍ଠ ସ୍ତମ୍ଭକାର ଶ୍ରୀ ପ୍ରଦୋଷ ପଟ୍ଟନାୟକ, କମିଟିର ସାଧାରଣ ସଂପାଦକ ଶ୍ରୀ ସନତ ମିଶ୍ର, ଉପସଭାପତି ଶ୍ରୀ ପ୍ରଦ୍ୟୁମ୍ନ ମହାନ୍ତି ପ୍ରମୁଖ ଯୋଗଦେଇ ରାଜଧାନୀ ଭୁବନେଶ୍ୱରର ଉନ୍ନତି, ସହରକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବା ତଥା ସହରବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଜନସାଧାରଣଙ୍କ ସମ୍ମିଳିତ ସହଯୋଗ କରାଯିବା ଆଦି ସଂପର୍କରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଡାକ୍ତର ପ୍ରସନ୍ନ କୁମାର ଦାସ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଗଭର୍ଣ୍ଣର ଡଃ. ଶକ୍ତିକାନ୍ତ ଦାସ, ଆଇନଜ୍ଞ ପ୍ରସନ୍ନ କୁମାର ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ ରାଜକିଶୋର ଶିଲା, ଅଭିନେତା ସମିତ୍ ଆଚାର୍ଯ୍ୟ, ଅଭିନେତ୍ରୀ ଭୂମିକା ଦାସ, ନର୍ସ ନିଶାମଣି ଦେବୀ, ମେଧାବୀ ଛାତ୍ରୀ ଗୁଗୁଲ ଗାର୍ଲ ମେଘାଳି ମାଳବିକା ସ୍ୱାଇଁ, ପୋଷ୍ଟ ମ୍ୟାନ ମିଟୁ ମହାରଣା, ଟ୍ରାଫିକ୍ କନଷ୍ଟେବଲ ଶୁଭ୍ରାଂଶୁ ଶେଖର ସାହୁ, କ୍ରୀଡା କ୍ଷେତ୍ରରେ ପ୍ରତ୍ୟୁଷ ରାୟ, ପରିମଳ କର୍ମଚାରୀ ରୋହିତ ନାୟକ,ସଂଗୀତ ନିର୍ଦ୍ଦେଶକ ମଳୟ ମିଶ୍ର ପ୍ରମୁଖ ୧୩ ଜଣଙ୍କୁ ରାଜଧାନୀ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସୂଚନା ଓ ଲୋକ ସଂପର୍କ ବିଭାଗ ସହକାରୀ ନିର୍ଦ୍ଦେଶିକା (କ୍ଷେତ୍ର) ଶ୍ରୀମତୀ ସୂଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରାଜଧାନୀ ପ୍ରତିଷ୍ଠା ଦିବସର ଉପ ସଭାପତି ଶ୍ରୀ ମହାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କମିଟି ତରଫରୁ ସାଂସ୍କୃତିକ ସଂପାଦକ ଶ୍ରୀ ଲକ୍ଷ୍ମୀ ନାରାୟଣ ଅଗ୍ରୱାଲ, ପ୍ରଭାସ ରଂଜନ ଦାସ, ହିମାଂଶୁ ଶେଖର ମହାନ୍ତି , ବିଶ୍ୱରଂଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସକାଳେ ସ୍ଥାନୀୟ ପି.ଏମ୍.ଜି ଛକଠାରେ ମାନ୍ୟବର ବାଚସ୍ପତି, ମାନ୍ୟବର ମନ୍ତ୍ରୀ ଶ୍ରୀ ଦାସ, ନିର୍ଦ୍ଦେଶକ ଶ୍ରୀ ମିଶ୍ର, ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମେତ ରାଜଧାନୀ ପ୍ରତିଷ୍ଠା ଦିବସର କର୍ମକର୍ତା ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ ।

ଯୁବ କଂଗ୍ରେସ ଓ ଓପେଫାର ଟାଟା ପାୱାର ଅଫିସ ଘେରାଉ

ଭୁବନେଶ୍ୱର (ପିଏନ୍)-ଓଡିଶା ପ୍ରଦେଶ ଯୁବ କଂଗ୍ରେସ ଓ ଓପେଫା ତରଫରୁ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କାଙ୍କ ନେତୃତ୍ୱରେ ଫ୍ରାଂଚାଇଜ କର୍ମଚାରୀ ମାନଙ୍କର ସ୍ଥାୟୀ ନିଯୁକ୍ତି ଦାବି କରି ଇଡ୍‌କୋ ଟାୱାରସ୍ଥିତ ଟାଟା ପାୱାର ଅଫିସ ଘେରାଉ କରାଯାଇଛି । ପ୍ରଥମ ଦିନରୁ ଫ୍ରାଂଚାଇଜ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବୀ କରି ବାରମ୍ବାର ଆନ୍ଦୋଳନ କରିଛି ଯୁବ କଂଗ୍ରେସ । କିନ୍ତୁ ସରକାର ଦାବୀକୁ କର୍ଣ୍ଣପାତ କରୁନଥିବାରୁ ଟାଟା ଅଫିସ ଘେରାଉ କରାଯାଇଛି । ଜୁନ୍- ୨୦୨୦ ରେ ସେଶୁକୁ ଟାଟା ପାୱାର ଅଧିଗ୍ରହଣ କଲାପରେ ୮ରୁ ୧୦ ବର୍ଷ ଧରି ନିରନ୍ତର ଭାବେ କାର୍ଯ୍ୟକରୁଥିବା ଫେଡ୍‌କୋ, ଇନେ ର ଫ୍ରାଂଚାଇଜ କର୍ମଚାରୀମାନଙ୍କୁ ଟାଟା ପୁନଃ ନିଯୁକ୍ତି ନ ଦେବା ଫଳରେ ସେମାନେ ଜିବୀକା ହରାଇଛନ୍ତି । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯଥା: ଫନି, ହୁଡ଼ହୁଡ଼, ଫାଇଲିନ ଓ କୋଭିଡ- ୧୯ ଭଳି ମହାମାରି ସମୟରେ ନିଜ ଜୀବନକୁ ବାଜି ଲଗାଇ ଲୋକମାନଙ୍କୁ ନିରନ୍ତର ବିଦ୍ୟୁତ ସେବା ଯୋଗାଇ ଆସୁଥିଲେ । କିନ୍ତୁ ରାଜ୍ୟ ସରକାର ଟାଟା ପ୍ରେମରେ ବିଭୋର ହୋଇ ଫ୍ରାଂଚାଇଜ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ନ ଦେଇ ବାରମ୍ବାର ପ୍ରତାରିତ କରୁଛନ୍ତି । ଉକ୍ତ ଫ୍ରାଂଚାଇଜ କର୍ମଚାରୀ ଅଦମ୍ୟ ପରିଶ୍ରମ ଓ ନିଷ୍ଠାବଳରେ ବାଣିଜ୍ୟ ଓ ପରିବହନ କ୍ଷତି ୨୦% କମାଇବା ସହିତ ରାଜସ୍ୱ ଆଦାୟ ପରିମାଣ ମଧ୍ୟ ପୂର୍ବତନ ତୁଳନାରେ ଯଥେଷ୍ଟ ଅଧିକ କରାଇଥିଲେ । କିନ୍ତୁ ରାଜ୍ୟ ସରକାର ଓ ଟାଟା ମିଳିତ ଭାବେ କର୍ମଚାରୀ ମାନଙ୍କୁ ନିଯୁକ୍ତି ଆଳରେ ଠକି ଆସୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା । ସରକାର ଓ ଟାଟାପାୱାରକୁ ଚେତାବନୀ ଦେଇ ଡ. ଲେଙ୍କା କହିଛନ୍ତି ରାଜ୍ୟର ଯୁବକ ମାନଙ୍କ ସ୍ୱାର୍ଥ ପାଇଁ ସରକାର କାର୍ଯ୍ୟ କରିବା ଦରକାର । ଦୀର୍ଘ ସମୟ ଧରି ଟାଟା ଅଫିସ ଘେରାଉ କରିବା ପରେ ଏକ ୫ଜଣିଆ ଟିମ୍ ଟାଟା କର୍ତୃପକ୍ଷଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଥିଲେ ଏବଂ ଆଲୋଚନା ମଧ୍ୟ କରିଥିଲେ । ଦୀର୍ଘ ସମୟର ଆଲୋଚନା ପରେ ଟାଟା କର୍ତୃପକ୍ଷ ସମସ୍ତ ଦାବୀକୁ ଗୁରୁତ୍ୱର ସହ ବିଚାର କରିବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରୁ ଓହରିଥିଲା ଯୁବ କଂଗ୍ରେସ । ଆଗାମୀ ଦିନରେ ଟାଟା କତୃପକ୍ଷ ଯଦି ନିଜ ପ୍ରତିଶ୍ରୁତି ପାଳନ ନକରନ୍ତି ଯୁବ କଂଗ୍ରେସ ଟାଟା ପାୱାର ଅଫିସକୁ ଅଚଳ କରିଦେବ ବୋଲି ଦୃଢ଼ ଚେତାବନୀ ଦେଇଛନ୍ତି ଡ. ଲେଙ୍କା । ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ମୁଖପାତ୍ର ନଳିନୀକାନ୍ତ ନାୟକ, ବିଶ୍ୱରଂଜନ ଦାଶ, ଜ୍ଞାନରଂଜନ ରାଉତ, ଓପେଫାର ସଭାପତି ବିଶ୍ୱଜିତ ସ୍ୱାଇଁ, ସୁମିତ ପରିଡ଼ା, ଦିବାକର ସାହୁ, ପ୍ରଭାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ହାଇୱା ଧକ୍କାରେ ଜଣଙ୍କର ମୃତ୍ୟୁ

କେନ୍ଦ୍ରାପଡା (ପିଏନ୍): ୫ନମ୍ବର(କ) ଜାତୀୟ ରାଜପଥର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ଦ୍ରୁତଗାମୀ ହାଇୱା ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଯାଇଛି । ସେ ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଥାନା ଅନ୍ତର୍ଗତ କେନ୍ତିଆ ଗ୍ରାମର ଭରତ ଚନ୍ଦ୍ର ପରିଡା(୫୦) । ଭରତ ତାଙ୍କ ପୁଅ ସହିତ ଏକ ବାଇକ ଯୋଗେ କେନ୍ଦ୍ରାପଡାର ଜୁଡଦାସପୁରସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆସିଥିବା ବେଳେ କାର୍ଯ୍ୟାଳୟ ସମ୍ମୁଖ ଜାତୀୟ ରାଜପଥ ରାସ୍ତାରେ ଛିଡା ହୋଇଥିଲେ । ସେହି ସମୟରେ ପାରାଦୀପ ପଟରୁ ଏକ ଦ୍ରୁତଗାମୀ ହାଇୱା ତାଙ୍କୁ ପଛ ପଟରୁ ଜୋରରେ ଧକ୍କା ଦେବାରୁ ସେ ରାସ୍ତା ଉପରେ ପଡିଯାଇଥିଲେ । ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କିନ୍ତୁ ଭରତଙ୍କ ପୁଅ ସୁସ୍ଥ ଥିବା ସୂଚନା ମିଳିଛି ।

ଶ୍ରୀବଲ୍ଲଭ ପାଣିଗ୍ରାହୀ ଓ ସୁନନ୍ଦା ପାଣିଗ୍ରାହୀ ଫାଉଣ୍ଡେସନ ଗଠନ

ଭୁବନେଶ୍ୱର (ପିଏନ୍)- ସ୍ୱର୍ଗତ ଶ୍ରୀବଲ୍ଲଭ ପାଣିଗ୍ରାହୀ କଂଗ୍ରେସରେ ଜଣେ ପ୍ରଖ୍ୟାତ ନେତା ମନ୍ତ୍ରୀ, ସାଂସଦ, ଟ୍ରେଡ ୟୁନିୟନ ନେତା ଏବଂ ଜଣେ ସୁଦକ୍ଷ ଯୁବ କ୍ୟାବିନେଟ ମନ୍ତ୍ରୀ ଭାବରେ ସେ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିଛନ୍ତି । ତାଙ୍କ ସମ୍ମାନର୍ଥେ ଏ ଜାତୀୟ ସମାଜ ପାଇଁ ଶ୍ରୀ ବଲ୍ଲଭ ଓ ସୁନନ୍ଦା ପାଣିଗ୍ରାହୀ ଗଠନ କରାଯାଇଛି । ଏହି ଅବସରରେ ଶ୍ରୀ ବଲ୍ଲଭ ପାଣିଗ୍ରାହୀଙ୍କ ସହପାଠୀ ତଥା ନିକଟତର ବନ୍ଧୁ ତଥା ୧୯୬୦ ମସିହାରୁ ତାଙ୍କ ପରିବାର ସହ ଜଡ଼ିତ ଥିବା ପିସିସି ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ ଯୋଗଦେଇ ଫାଉଣ୍ଡେସନର ଶୁଭଉନ୍ମୋଚନ କରିଛନ୍ତି । ଯେପରି ସମାଜର ମୂଲ୍ୟ ନିରାପତା ସହ ଏକ ଜନମଙ୍ଗଳ ରାଷ୍ଟ୍ରରେ ମୂଲ୍ୟବୋଧ ପ୍ରତିଷ୍ଠା କରିବା ପାଇଁ ୴ ଶ୍ରୀବଲ୍ଲଭ ପାଣିଗ୍ରାହୀ ଓ ୴ ସୁନନ୍ଦା ପାଣିଗ୍ରାହୀ ଲକ୍ଷ୍ୟ ଧ୍ୟେୟ ଓ ନିଷ୍ଠାର ସହ କାର୍ଯ୍ୟ କରିଆସୁଥିଲେ ସେହିପରି ଏହି ଫାଉଣ୍ଡେସନ କାର୍ଯ୍ୟକରିବ ବୋଲି ଆଶାପୋଷଣ କରି ଫାଉଣ୍ଡେସନର ଉତରୋତର କାମନା କରିଛନ୍ତି ଶ୍ରୀ ପଟ୍ଟନାୟକ । ଜନସାଧାଣଙ୍କ ଜୀବନକୁ ଏକ ଲକ୍ଷ ଓ ଆଦର୍ଶରେ ପହଂଚାଇ ଏକ ଭଲ ଶାସନ ବ୍ୟବସ୍ଥା କିପରି ଅଣାଯାଇ ପାରିବ ଏବଂ ସାଧାରଣ ବର୍ଗର ଲୋକମାନେ ଯେଉଁମାନେ କି ଅର୍ଥନୈତିକ ଅନଗ୍ରସର ଏବଂ ସୁଖ ସୁବିଧାରୁ ବଂଚିତ ସେହିମାନଙ୍କୁ ସମାଜରେ ସ୍ଥାନ ଦେବା ପାଇଁ ଓ ସମାଜକୁ ଉତ୍‌ଥାନ କରିବା ସହ ଶିକ୍ଷା ମାଧ୍ୟମରେ ସମାଜର କିପରି ଉନ୍ନତି ହୋଇ ପାରିବ ସେଥିପାଇଁ ଚେଷ୍ଟା କରିବା କାର୍ଯ୍ୟ ଅତ୍ୟନ୍ତ ଉତମ ବୋଲି ଫାଉଣ୍ଡେସନର ପ୍ରଶଂସା କରିଥିଲେ ଶ୍ରୀ ପଟ୍ଟନାୟକ । ତାଙ୍କ ଶେଷନିଶ୍ୱାସ ପର୍ଯ୍ୟନ୍ତ ସେ ମଧ୍ୟ ସେହି ପ୍ରକାର ମୋର ବନ୍ଧୁ ଜୀବନଚର୍ଜ୍ୟା ଉପରେ ଆଲୋକପାତ କରିଥିଲେ ।

ବର୍ଷିୟାନ ସାମ୍ବାଦିକ ଶ୍ୟାମ୍ ଖୋସଲାଙ୍କ ପରଲୋକ



ବ୍ରହ୍ମପୁର (ପିଏନ୍): ବର୍ଷିୟାନ ସାମ୍ବାଦିକ, ଜାତୀୟ ସାମ୍ବାଦିକ ୟୁନିଅନର ପ୍ରତିଷ୍ଠାତା ସଦସ୍ୟ, ଇଣ୍ଡିଆନ ମିଡିଆ ସେଣ୍ଟର ଓ ପଞ୍ଚଦ୍ ଗବେଷଣା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ, ବିଶିଷ୍ଟ ଶ୍ରମିକ ନେତା, ପ୍ରେସ୍ କାଉନସିଲର ପୂର୍ବତନ ସଦସ୍ୟ ଶ୍ୟାମ ଖୋସ୍‌ଲାଙ୍କ ମଙ୍ଗଳବାର ରାତ୍ର ଦିଲ୍ଲୀ ସୁରଜ ମଲ୍ ବିହାର ବାସଭବନ ଠାରେ ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଦୀର୍ଘବର୍ଷ ଧରି ସେ ଅସୁସ୍ଥ ଥିଲେ । ମୃତ୍ୟୁ ବେଳକୁ ତାଙ୍କର ଦୁଇ କନ୍ୟା, ଜାମାତା, ପରିବାର ସଦସ୍ୟ ଓ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ । ସ୍ୱର୍ଗତ ଖୋସଲାଙ୍କ ଜ୍ୟେଷ୍ଠ କନ୍ୟା ସୁମେଧା ଭରଦ୍ୱାଜ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି । ଭାରତୀୟ ସାମ୍ବାଦିକ ଜଗତରେ ସେ ଜଣେ ଉଜ୍ଜ୍ୱଳତମ ନକ୍ଷତ୍ର ଥିଲେ । ଚଣ୍ଡିଗଡ଼, ଦିଲ୍ଲୀରେ ଇଂରାଜୀ ପତ୍ରିକା ଇଣ୍ଡିଆନ ଏକ୍ସପ୍ରେସରେ ଦୀର୍ଘଦିନ ଧରି ସାମ୍ବାଦିକତା କରିଥିଲେ । ୧୯୭୫ ଜରୁରୀକାଳିନ ପରିସ୍ଥିତି ବେଳେ ଗିରଫ ହୋଇ ୧୯ ମାସ କାରାବରଣ କରିଥିଲେ । ବିଭିନ୍ନ ୱେଜ ବୋର୍ଡର ସଦସ୍ୟ ଭାବେ କାର୍ଯ୍ୟ କରି ସାମ୍ବାଦିକମାନଙ୍କ ସୁରକ୍ଷା ଓ ଅଧିକାରକୁ ସାବ୍ୟସ୍ତ କରିବାରେ ଧୁରନ୍ଧର ଥିଲେ । ଜାତୀୟ ସାମ୍ବାଦିକ ୟୁନିଅନର ସଭାପତି ଭାବେ କାର୍ଯ୍ୟ କରି ସଂଗଠନକୁ ବେଶ କ୍ରିୟାଶୀଳ କରାଇପାରିଥିଲେ । ତାଙ୍କ ବିୟୋଗରେ କେନ୍ଦ୍ର ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରକାଶ ଜାଭେଦକର, ପୂର୍ବତନ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ରାମ ଠାକୁର, ପାଓନିୟରର ସମ୍ପାଦକ ଚନ୍ଦନ ମିତ୍ର, ଇଣ୍ଡିଆନ ମାସ୍ କମ୍ୟୁନିକେସନର ମୁଖ୍ୟ କେ.ଜି. ସୁରେଶ, ଜାତୀୟ ସାମ୍ବାଦିକ ୟୁନିଅନର ପୂର୍ବତନ ସଭାପତି ରବି ରଥ, ଜାତୀୟ ସାମ୍ବାଦିକ ସଂଘର କର୍ମକର୍ତ୍ତାଙ୍କ ସହିତ ପ୍ରମୁଖ ଭାରତ ବର୍ଷର ବିଭିନ୍ନ ସଂଗଠନ ଗଭୀର ଶୋକ ପ୍ରକାଶ କରିବା ସହ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ସାମ୍ବାଦିକତା ଜଗତରେ ଏକ ଶୂନ୍ୟ ସ୍ଥାନ ସୃଷ୍ଟି କଲା ବୋଲି ପ୍ରକାଶ କରିଥିଲେ ।

ଜଣେ ଅହଂକାରଶୂନ୍ୟ ମଣିଷ ଥିଲେ ସାହିତ୍ୟିକ ପ୍ରାଣକୃଷ୍ଣ ମିଶ୍ର

ଭୁବନେଶ୍ୱର (ପିଏନ୍): କୁମାରବସ୍ତ ପଲ୍ଲିଶ୍ରୀ ସାହିତ୍ୟର ସଭାପତି, ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର ଅବସରପ୍ରାପ୍ତ ମୁଖ୍ୟ ଗ୍ରନ୍ଥାଗାରିକ ତଥା ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରାଣକୃଷ୍ଣ ମିଶ୍ରଙ୍କର ଏକାଦଶାହ ସ୍ମୃତିସଭା ଜେମାଦେଇସ୍ଥିତ ବାସଭବନ ଠାରେ ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ସ୍ୱର୍ଗତ ମିଶ୍ର ଜଣେ ଭଲ ଗ୍ରନ୍ଥାଗାରିକ, କ୍ରୀଡ଼ାବିତ୍ ତଥା ସାହିତ୍ୟ, ସଂସ୍କୃତି ଅନୁରାଗୀ ବ୍ୟକ୍ତି ଭାବେ ସମସ୍ତଙ୍କର ପ୍ରେରଣାର ସ୍ରୋତ ଥିଲେ । ପ୍ରାଣନାଥ ମହାବିଦ୍ୟାଳୟ ପାଇଁ ତାଂକର ଅବଦାନ ଅଭୁଲା । ମୁଖ୍ୟବକ୍ତା ଐତିହାସିକ ସତ୍ୟବାଦୀ ବଳିଆରସିଂହ ମତ ଦେଇଥିଲେ ଯେ, ସ୍ୱର୍ଗତ ପ୍ରାଣକୃଷ୍ଣ ମିଶ୍ର ପ୍ରତିଭାର ଆଦର କରୁଥିଲେ ଏବଂ ଜଣେ ଅଂହକାରଶୂନ୍ୟ ମଣିଷ ଥିଲେ । ଓଡ଼ିଆ, ଇଂରାଜୀ, ସଂସ୍କୃତ, ବଂଗଳା ଆଦି ଭାଷାରେ ତାଂକର ଅଗାଧ ଜ୍ଞାନ ଥିଲା । ପ୍ରାଣନାଥ ମହାବିଦ୍ୟାଳୟରେ ତାଂକ ନାମରେ କିଛି ସ୍ମୃତିରକ୍ଷା ପାଇଁ ବିଧାୟକ ପଦକ୍ଷେପ ନେବା ପାଇଁ ସେ ଅନୁରୋଧ କରିଥିଲେ । କୁମାରବସ୍ତ ପଲ୍ଲିଶ୍ରୀ ସାହିତ୍ୟ ସଂସଦର ସଭାପତି ଭାବେ ଖୋର୍ଦ୍ଧା ତଥା ଅବିଭକ୍ତ ପୁରୀ ଜିଲାରେ ସାହିତ୍ୟର ପ୍ରଚାର, ପ୍ରସାର ପାଇଁ ସ୍ୱର୍ଗତ ପ୍ରାଣକୃଷ୍ଣ ମିଶ୍ରଙ୍କ ଅବଦାନକୁ ଭୁଲି ହେବନାହିଁ ବୋଲି ସଂସଦର ସଂପାଦକ ପ୍ରାଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ମତ ଦେଇଥିଲେ । ଏହି ଅବସରରେ ଡ. ମହାରଣା ଓ ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହଙ୍କ ସମ୍ପାଦନାରେ ସ୍ମରଣିକା 'ପ୍ରାଣପ୍ରସୂନ' ଉନ୍ମୋଚିତ ହେଲା । ଏହି ସ୍ମୃତିଚାରଣ ସଭାରେ ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ସାହିତ୍

ମୋ ସହର

ଗୁମୁରା ପଚାୟତ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର, ପଚାୟତର ଉନ୍ନତିମୂଳକ କାମରେ ଠିକାଦାରଙ୍କ ମନମୁଖିକାମ ନେଇ ବିଡିଓଙ୍କ ଦ୍ୱାରସ୍ତ ହେଲେ ଗ୍ରାମବାସୀ

ଝୁମ୍ପୁରା: କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଗୁମୁରା ପଚାୟତ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ବୋଲି ବିଡିଓଙ୍କ ଦ୍ୱାରସ୍ତ ହୋଇଛନ୍ତି ଗୁମୁରା ପଚାୟତର ହୀରାପୁର ଗ୍ରାମବାସୀମାନେ । ପଚାୟତ ଅଧିନରେ ହେଉଥିବା କାମ ସବୁ ନିମ୍ନମାନର ଏବଂ କାମର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ପଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ନିଜର ଲାଭଖୋର ମନବୃତି ନେଇ ପାଚାୟତ ଅଧିନରେ ହେଉଥିବା ସମସ୍ତ ଉନ୍ନତୀମୂଳକ କାମ ଗୁମୁରା ଗ୍ରାମର ଜନୈକ ବାହୁବଳୀ ଠିକାଦାରଙ୍କୁ କାମ ଯୋଗାଇ ଦିଆଯାଉଥିବା ଅଭିଯୋଗ ହୋଇଛି । ଗୁମୁରା ପଚାୟତ ଅଧିନରେ ଥିବା ୧୨ ଗୋଟି ନଳକୂପର ମରାମତି ଏବଂ ନଳକୂପର ଅପଚୟ ହେଉଥିବା ପାଣିକୁ ଗଚ୍ଛିତ ରଖିବା ନିମନ୍ତେ ହୀରାପୁର ଗ୍ରାମରେ ନଳକୂପ ସମ୍ମୁଖରେ ନିର୍ମାଣ କାମ ଚାଲିଥିଲା । ଜନୈକ ଠିକାଦାର ଜେସିବି ମେସିନ୍ ସାହାର୍ଯ୍ୟରେ ଗାତ ଖୋଳୁଥିବା ଲୋମାନେ ଦେଖିବାକୁ ପାଇଥିଲେ । ଫଳରେ ପ୍ରକଳ୍ପ ର ନାମ କ'ଣ, କେତେ ଟଙ୍କାର କାମ, ପଚାୟତ ର କାମ କି ବ୍ଲକ ର କାମ, ଜେସିବି ମେସିନ୍ ଲଗାଇ କାମ କରିବାର ପ୍ରାବଧାନ ଅଛି କି ? କାମ ଟି କାହା ନାମରେ କାର୍ଯ୍ୟାଦେଶ ରହିଛି ଏବଂ ଆମ ଗ୍ରାମରେ ଥିବା ଜବକାର୍ଡଧାରୀମାନେ କାମ ଧନ୍ଦା ନପାଇ ଘରେ ବସିଛନ୍ତି । ଅନ୍ୟପକ୍ଷରେ ଆପଣ ମେସିନ ଲଗାଇ କାମ କରୁଛନ୍ତି ବୋଲି ଜବକାର୍ଡଧାରୀମାନେ ଆଲୋଚନା କଲେ ଠିକାଦାର ନାଲିଆଖି ଦେଖାଇବା ସହିତ ନଳକୂପ ସମ୍ମୁଖରେ ଖୋଳିଥିବା ଗାତକୁ ବିପଦ ସଂଙ୍କୁଳ ଅବସ୍ଥାରେ ଛାଡି ଠିକାଦାର ଛୁ ମାରିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀମାନେ । ନଳକୂପ ସମ୍ମୁଖରେ ଖୋଳିଥିବା ଗାତ ଗୁଡିକରେ ପାଣି ଜମି ଯାଇ ବିପଦ ସଂଙ୍କୁଳ ଅବସ୍ଥାରେ ପଡି ରହିଛି । ଯାହାକି ମା'ଭଉଣୀମାନେ ପାଣି ଆଣିବାକୁ ଭୟ କରୁଥିବା ବେଳେ କେଉଁ ମୂହୁର୍ତ୍ତରେ ଛୋଟ ଛୁଆ, ଗାଈ, ବଳଦ, ଛେଳି, ମେଣ୍ଢା ଉକ୍ତ ଗାତରେ ଖସି ପଡି ଜୀବନ ଚାଲିଯିବାର ବହୁତ ସମ୍ଭାବନା ରହୁଛି । ସବୁଠାରୁ ଗୁରୁତ୍ୱ ପୁର୍ଣ୍ଣ କଥା ହେଲା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଠିକାଦାରଙ୍କ ସଲାସୁତୁରାରେ ସରକାରୀ ଟଙ୍କାକୁ ହଡ୍ପ କରିବା ନିମନ୍ତେ ଗୁମୁରା ଗ୍ରାମରେ ପିଇବା ପାଣି ଯୋଗାଣ ନିମନ୍ତେ ନିର୍ମାଣ ହୋଇଥିବା ଷ୍ଟାଣ୍ଡପୋଷ୍ଟ ଗୁଡିକର ମରାମତି ଆଳରେ ସଂପୂର୍ଣ୍ଣ ଠିକ୍ଥିବା ଷ୍ଟାଣ୍ଡପୋଷ୍ଟର ଉପର ଭାଗକୁ ଭାଙ୍ଗି ମରାମତି କରାଯାଇଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଜନସାଧାରଣଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି । ନିମ୍ନମାନର କାମ ଓ ଦୁର୍ନୀତି ସମ୍ବନ୍ଧରେ ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଟଙ୍କଧର ମହାନ୍ତ କର୍ଣ୍ଣପାତ କରୁନାହାନ୍ତି । ଏନେଇ ଗ୍ରାମର ନରେନ୍ଦ୍ର ମହାନ୍ତ, ରବିକାନ୍ତ ମହାନ୍ତ, ରଷିନାଥ ମହାନ୍ତ, ଦିଲ୍ଲୀପ କୁମାର ମହାନ୍ତ, ଦେବେନ୍ଦ୍ର ମହାନ୍ତ, ଲୋଚନ ମହାନ୍ତ, ବେଣୁଧର ମହାନ୍ତ ପ୍ରମୁଖ ସ୍ଥାନୀୟ ବିଡିଓ ଙ୍କ ଦ୍ୱାରସ୍ତ ହୋଇ ତଦନ୍ତ କରିବା ନିମନ୍ତେ ଦାବୀ କରିଛନ୍ତି । ଏନେଇ ପଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ମହାନ୍ତଙ୍କ ମତାମତ ଲୋଡିବାରୁ କହିଲେ ଅଭିଯୋଗ କରିଥିବା ଲୋକମାନଙ୍କର ଏବଂ ଠିକାଦାର ଭିତରେ ବ୍ୟକ୍ତିଗତ ଝଗଡା ହୋଇଥିବାରୁ ଅଭିଯୋଗ ହୋଇଛି । ନ ହେଲେ ସେମିତି କିଛି ଦୁର୍ନୀତି କିମ୍ୱା ନିମ୍ନମାନର କାମ ହୋଇ ନାହିଁ । ଏନେଇ ବିଭାଗୀୟ କନିଷ୍ଠଯନ୍ତ୍ରୀ ମନୋରଂଜନ ପତିଙ୍କୁ ଫୋନ ଯୋଗେ ଯୋଗା ଯୋଗ କାରାଯାଇଥିଲେ ସୁଧା ସେ ଫୋନ ଉଠାଇ ନଥିବାରୁ କୌଣସି ପ୍ରତିକ୍ରିୟା ମିଳି ନଥିବା ବେଳେ, ମୋ ପାଖରେ ଲୋକମାନେ ଅଭିଯୋଗ କରିଛନ୍ତି । ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ବିଜୟ କୁମାର ନାୟକ କହିଛନ୍ତି ।

କୋଭିଡ ପାଇଁ କେନ୍ଦୁଝର ଜିଲ୍ଲାରେ ୪ ଖଣିର ଜନଶୁଣାଣୀ ବାତିଲ

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନମାନଙ୍କରେ କୋଭିଡ-୧୯ ସଂକ୍ରମଣ ବଢିଚାଲିଥିବାବେଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭିନ୍ନ ଖଣି ପାଇଁ ହେବାକୁ ଥିବା ଜନଶୁଣାଣୀ ବାତିଲ ହୋଇଥିବାବେଳେ କେନ୍ଦୁଝର ଜିଲ୍ଲାପାଳ ମଧ୍ୟ ଜିଲ୍ଲାରେ ଥିବା ୪ଗୋଟି ଖଣିର ଜନଶୁଣାଣୀକୁ ବାତିଲ କରିଛନ୍ତି । ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୮୦୭ ତା ୧୮.୪.୨୦୨୧ରେ ଏକ ନିର୍ଦ୍ଦେଶନାମା ପ୍ରକାଶ କରି ଏପ୍ରିଲ ୨୪ତାରିଖରେ ହେବାକୁ ଥିବା ଓଡିଶା ଖଣି ନିଗମର ଦୁବୁନା-ସାକ୍ରାଡିହି ଲୌହ ମାଙ୍ଗାନିଜ ଖଣିର ଜନଶୁଣାଣୀ, ଏପ୍ରିଲ ୨୬ତାରିଖରେ ହେବାକୁ ଥିବା ମେସର୍ସ ଟାଟା ଷ୍ଟିଲ ଯୋଡା ଇଷ୍ଟ, ଏପ୍ରିଲ ୩୦ତାରିଖରେ ହେବାକୁ ଥିବା ମେସର୍ସ ଶାରଦା ଖଣି ଓ ମେ ୫ତାରିଖରେ ହେବାକୁ ଥିବା ବଇଗାବୁରୁ ଲୌହ ଖଣି ଯାହାକି ଓଏମଡିସିର ରହିଛି ତା' ପାଇଁ ଜନଶୁଣାଣୀ ବାତିଲ ହୋଇଛି । ଟାଟା ଷ୍ଟିଲ ଓ ଓଏମଡିସିର ଖଣି ପାଇଁ ଅତିରିକ୍ତ ଜିଲ୍ଲାପାଳ,ଓଏମସି ପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ସାରଦା ଖଣି ପାଇଁ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅଧିକୃତ ଅଧିକାରୀ ଭାବେ ଜିଲ୍ଲାପାଳ ନିୟୋଜିତ କରିଥିଲେ । ଏହି ବାତିଲ ସମ୍ପର୍କରେ କେନ୍ଦୁଝର ଏସପି, ସମସ୍ତ ଉପଜିଲ୍ଲାପାଳ, ତହସିଲଦାର ଓ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଜଣାଇ ଦିଆଯାଇଛି ବୋଲି ଜଣାପଡିଛି ।

ରାତ୍ରିକାଳୀନ କର୍ଫ୍ୟୁ କଟକଣା ଓ ଜରୁରୀ ସେବା ରିହାତି

କେନ୍ଦ୍ରାପଡ଼ା: ଜିଲ୍ଲାପାଳ ଅମ୍ରିତ୍ ରତୁରାଜଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଶ୍ୱ ମହାମାରୀ କରୋନା କଟକଣାର ରାତ୍ରିକାଳୀନ କର୍ଫୁ ଅବସରରେ ଯାତାୟତରେ କେତେକ କଟକଣା ଜାରି କରାଯାଇଛି । କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ପୌରଇଂଚଳରେ ଏପ୍ରିଲ ୧୭ ତାରିଖ ଠାରୁ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଜାରି ରହିଥିବା ରାତ୍ରିକାଳୀନ କର୍ଫୁ ସମୟରେ ଜିଲ୍ଲା ଓ ପୌର ପ୍ରଶାସନ, ପୋଲିସ, କର୍ତବ୍ୟରତ ସରକାରୀ କର୍ମଚାରୀ, ଡାକ୍ତର, ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟକର୍ମୀ, ବିଦ୍ୟୁତ୍, ଟେଲିଫୋନ, ଜଳ ଯୋଗାଣ ସଂସ୍ଥା, ସଫେଇ ଓ ପରିମଳ କର୍ମଚାରୀ, ଅଗ୍ନିଶମ ଏବଂ ସେମାନଙ୍କର ଗାଡି ଚଳାଚଳକୁ କଟକଣା ମୁକ୍ତ କରାଯାଇଛି । ସୂଚନା ଓ ପ୍ରଯୁକ୍ତି କମ୍ପାନୀର କର୍ମଚାରୀମାନେ ସେମାନଙ୍କର ପରିଚୟ ପତ୍ର ଦେଖାଇ ଚଳପ୍ରଚଳ କରିପାରିବେ । ମେଡିକାଲ ଏବଂ କୌଣସି ଜରୁରୀ କାର୍ଯ୍ୟରେ ଯାଉଥିବା ବ୍ୟକ୍ତି ଔଷଧ ଦୋକାନର ମାଲିକ ଓ କର୍ମଚାରୀ ଚଳପ୍ରଚଳ କରିପାରିବେ । ସମସ୍ତ ଶିଳ୍ପ ଓ ନିର୍ମାନ କାର୍ଯ୍ୟ ଚାଲୁ ରହିବା ସହ ରେଳ ଷ୍ଟେସନ, ବସ ଷ୍ଟାଣ୍ଡ ଓ ଏଆର ପୋର୍ଟକୁ ଯାତ୍ରୀ ମାନଙ୍କୁ ନେଇ ଯାଉଥିବା ଘରୋଇ ଓ ସରକାରୀ ଯାନ ଟ୍ୟାକ୍ସି ଇତ୍ୟାଦିକୁ କଟକଣା ମୁକ୍ତ କରାଯାଇଛି । ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଥିବା ଢାବା, ପେଟ୍ରୋଲ ପମ୍ପ ଖୋଲା ରହିବ । ପୋଲିସ ଦ୍ୱାରା ଚିହ୍ନିତ ବୈଦ୍ୟୁତିକ ଓ ମୁଦ୍ରିତ ଗଣ ମାଧ୍ୟମ ପ୍ରତିନିଧି ମାନେ ଯାତାୟତ କରିପାରିବେ । ଏହା ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବାହାରେ ବୁଲୁଥିବାରେ ଦେଖିଲେ ସେ ଦଣ୍ଡିତ ହେବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

ଯୋଡାରେ ରାତ୍ରୀକାଳୀନ କର୍ଫ୍ୟୁ ଜାରି, କରୋନା ଆକ୍ରାନ୍ତ ଯୋଗୁଁ ମୁଖ୍ୟ ଡାକଘର ବନ୍ଦ

ଯୋଡା: କରୋନା ମହାମାରୀ କବଳରେ ସମଗ୍ର ବିଶ୍ୱ । ସମଗ୍ର ଭାରତ ତଥା ରାଜ୍ୟରେ କରୋନା ଦ୍ୱିତୀୟ ଲହରରେ । ପ୍ରଥମ ଲହର ଅପେକ୍ଷା ଦ୍ୱିତୀୟ ଲହରରେ ଏହାର ପ୍ରାଦୁର୍ଭାବ ଅଧିକ ଦେଖିବାକୁ ମିଳୁଛି । କେନ୍ଦୁଝର ଜିଲ୍ଲା ଯୋଡା ଖଣି ଅଞ୍ଚଳରେ ଦିନକୁ ଦିନ କରୋନାର ସ୍ଥିତି ବିଗିଡିବାରେ ଲାଗିଛି । ଦୈନିକ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଯୋଡା ପୌରାଞ୍ଚଳରେ କରୋନା ସଂକ୍ରମଣ ଦିନକୁ ଦିନ ତାର କାୟା ବିସ୍ତାର କରିବାରେ ଲାଗିଛି । ସୋମବାର ଦିନ କମାରଯୋଡାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳ ଟାଟା ଡାକ୍ତରଖାନାରେ ସମ ପରିମାଣର କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମଙ୍ଗଳବାର ଦିନ କେବଳ ଟାଟା ଡାକ୍ତରଖାନାରେ ୧୨୬ଜଣଙ୍କର କରୋନା ପରୀକ୍ଷା କରାଯାଇଥିବା ବେଳେ ସେଥି ମଧ୍ୟରୁ ୪୭ଜଣଙ୍କର କରୋନା ସଂକ୍ରମିତ ଥିବା ଜଣାପଡିଛି । ମଙ୍ଗଳବାର ଦିନ ଯୋଡା ମୁଖ୍ୟ ଡାକଘରର ଡାକ ପିଅନ ଏବଂ ଅନ୍ୟ ଜଣେ ମହିଳା କିରାଣୀ କରୋନା ସଂକ୍ରମିତ ଥିବା ଜଣାପଡିବା ପରେ ମୁଖ୍ୟ ଡାକଘରର ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଯୋଡା ପୋଷ୍ଟ ମାଷ୍ଟର ବସନ୍ତ ପାତ୍ର ଆଜି ଡାକ ଘରର ସମସ୍ତ କାର୍ଯ୍ୟ ବାତିଲ କରି ଡାକ ଘରକୁ ତାଲା ପକାଇଦେଇଥିବା ଜଣାପଡିଛି । ମଙ୍ଗଳବାର ସକାଳୁ ଏହି ଡାକଘରଟିକୁ ବିଶୋଧନ କରାଯାଉଥିବା ବେଳେ କାହାରିକୁ ଭିତରକୁ ଛଡାଯାଇନାହିଁ । ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ ଡାକ ଘର ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି । ଡାକ ଘର ବନ୍ଦ ଯୋଗୁଁ ଗ୍ରାହକମାନେ ହଇରାଣର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି । କରୋନା ସଂକ୍ରମଣ ବଢୁଥିବା ଦେଖି ରାଜ୍ୟ ସରକାର ସହରାଞ୍ଚଳରେ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରିଛନ୍ତି । ଯୋଡା ସହରରେ ଏହି ରାତ୍ରିକାଳୀନ କର୍ଫ୍ୟୁକୁ କଡାକଡି ଭାବେ ପାଳନ କରିବା ନିମନ୍ତେ ଯୋଡା ଥାନା ପୋଲିସ ପକ୍ଷରୁ ରାତିରେ ଜୋରଦାର ପେଟ୍ରୋଲିଂ କରାଯାଉଥିବା ଦେଖାଯାଇଛି । ଏଥିସହିତ ରାତିରେ ବୁଲୁଥିବା ଅମାନିଆ ଯୁବକଙ୍କୁ ତାଗିଦ୍ କରିବା ସହିତ ଚଳାଚଳ କରୁଥିବା ବିଭିନ୍ନ ଗାଡି ଯାଞ୍ଚ କରାଯାଉଛି ।

କୋଭିଡ ପାଇଁ କେନ୍ଦୁଝର ଜିଲ୍ଲା ଜଜ୍ କୋର୍ଟର ଆଇନଜୀବୀ ୨୫ଯାଏଁ ଅନୁପସ୍ଥିତ ରହିବେ

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ସଦର ମହକୁମାରେ କ୍ରମବର୍ଦ୍ଧଷ୍ଣୁ କୋଭିଡ ପଜିଟିଭଙ୍କ ସଂଖ୍ୟା ଦେଖାଦେବା ସହ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ଜଜ କୋର୍ଟର ଆଇନଜିବୀମାନେ ଏପ୍ରିଲ ୨୫ ତାରିଖ ଯାଏଁ କୋର୍ଟ କାର୍ଯ୍ୟରେ ଅନୁପସ୍ଥିତ ରହିବେ ବୋଲି ଜଣାପଡିଛି । ଏ ସମ୍ପର୍କରେ କେନ୍ଦୁଝର ଜିଲ୍ଲା ଆଇନଜିବୀ ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀ ଓ ସମ୍ପାଦକ ଆଲୋକ ମହାନ୍ତ ପ୍ରକାଶ କରିଛନ୍ତି ଯେ, କେନ୍ଦୁଝର ସହରରେ କରୋନା ପଜିଟିଭଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାବେଳେ ପ୍ରଶାସନ ଓ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । କେନ୍ଦୁଝର ଜିଲ୍ଲା ଜଜ କୋର୍ଟ ପରିସରକୁ ଦୈନିକ ଶତାଧିକ ଲୋକ ବିଭିନ୍ନ ଦେଓ୍ୱାନୀ, ଫୌଜଦାରୀ ଓ ଅନ୍ୟାନ୍ୟ ମାମଲା ନେଇ ଆସୁଛନ୍ତି । ବିଭିନ୍ନ କାରଣ ପାଇଁ କଟକଣା ପାଳନ କରାଯିବା ସମ୍ଭବପର ହୋଇପାରୁ ନଥିବାବେଳେ ସଂକ୍ରମଣ ବଢିବାର ଆଶଙ୍କାକୁ ଆଖି ଆଗରେ ରଖି ଜିଲ୍ଲା ଆଇନଜିବୀ ସଂଘର ଏକ ଜରୁରୀକାଳୀନ ବୈଠକ ସୋମବାର ଦିନ ଅନୁଷ୍ଠିତ ହୋଇଥିଲା । ଏଥିରେ ସର୍ବସମ୍ମତକ୍ରମେ ଏପ୍ରିଲ ୨୦ତାରିଖଠାରୁ ଏପ୍ରିଲ ୨୫ତାରିଖ ପର୍ଯ୍ୟନ୍ତ ଆଇନଜିବୀମାନେ କୋର୍ଟ କାର୍ଯ୍ୟରେ ଅନୁପସ୍ଥିତ ରହିବେ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା । ଜାମିନ ପାଇଁ ଆଗତ ମାମଲାଗୁଡିକ ଭିଡିଓ କନଫେରେନସ ଜରିଆରେ ଶୁଣାଣୀ ହୋଇପାରିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହା ଫଳରେ କୋର୍ଟ କାର୍ଯ୍ୟ ଏପ୍ରିଲ ୨୫ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଜଣାପଡିଛି । ଏ ସମ୍ପର୍କରେ ଜିଲ୍ଲା ଓକିଲ ସଂଘ ତରଫରୁ ଜିଲ୍ଲା ଓ ଦୌରା ଜଜ, କେନ୍ଦୁଝର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ,ଖାଉଟି ଅଦାଲତ,ଶ୍ରମ କୋର୍ଟର ବିଚାରପତିଙ୍କୁ ମଧ୍ୟ ଅବଗତ କରାଯାଇଛି ।

ଲକଡାଉନ ଓ କର୍ଫ୍ୟୁ ସମୟରେ ମହଜୁଦକାରୀଙ୍କ ବିରୋଧରେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ:ମହାମାରୀ କାରଣରୁ ଦେଶର ବିଭିନ୍ନ ସ୍ଥାନରେ କର୍ଫ୍ୟୁ ଓ ଲକଡାଉନ ଲାଗୁ ହୋଇଛି । ଏହି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କେନ୍ଦ୍ର ଉପଭୋକ୍ତା ବ୍ୟାପାର ବିଭାଗ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଏ ସଂକ୍ରାନ୍ତରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ଖାଦ୍ୟ ଓ ଉପଭୋକ୍ତା ବ୍ୟାପାର ବିଭାଗର ପ୍ରମୁଖ ସଚିବମାନଙ୍କ ସହିତ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଅଧୀନ ଉପଭୋକ୍ତା ବ୍ୟାପାର ବିଭାଗର ଅତିରିକ୍ତ ସଚିବ ସୁଶ୍ରୀ ନିଧି ଖାରେ ଏହି ବୈଠକରେ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା ଓ ମୂଲ୍ୟ ସ୍ଥିତି ସମୀକ୍ଷା କରିଥିଲେ । ରାଜ୍ୟଗୁଡ଼ିକର ବିଭିନ୍ନ ମଣ୍ଡିରେ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ସହିତ ମୂଲ୍ୟ ମଧ୍ୟ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ପ୍ରଦାନ କରାଯାଇଥିଲା ।ଏହାବ୍ୟତୀତ ଖାଦ୍ୟ ପଦାର୍ଥ/ଔଷଧ, ସ୍ୱଚ୍ଛତା ଉତ୍ପାଦ ଏବଂ ଅତ୍ୟାବଶ୍ୟକ ସେବା ସହିତ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ଉପରେ ଅଙ୍କୁଶ ଲଗାଇବା ଏବଂ ଉଚିତ ମୂଲ୍ୟରେ ଏସବୁ ଉପଲବ୍ଧ କରାଇବା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ଚାହିଦା/ଯୋଗାଣରେ ଅସନ୍ତୁଳନ ସ୍ଥିତିରୁ ରକ୍ଷା ପାଇବା ନିମନ୍ତେ ପ୍ରଭାବୀ ଅନୁଧ୍ୟାନ ଓ ପରିଚାଳନା ଗତିବିଧି ନିମନ୍ତେ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ଆଞ୍ଚଳିକ ତଥା ଜିଲ୍ଲା ସ୍ତରର ଖାଦ୍ୟ ଓ ସାଧାରଣ ବଣ୍ଟନ, ବୈଧ ମାପ ଓଜନ ନିୟନ୍ତ୍ରକ, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପୁଲିସର ମିଳିତ ଦଳ ଗଠନ କରିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା । ତରବର ହୋଇ ଅତ୍ୟାବଶ୍ୟକ ସାମଗ୍ରୀ ଅଧିକ ମାତ୍ରାରେ କ୍ରୟ ଭଳି ସ୍ଥିତିରୁ ରକ୍ଷା ପାଇବା ନିମନ୍ତେ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ପକ୍ଷରୁ ପ୍ରଚାର ଓ ସଚେତନତା ଗତିବିଧି ପରିଚାଳନା ନିମନ୍ତେ ପରାମର୍ଶ ଦିଆଯାଇଥିଲା । ବୈଠକ ଅବସରରେ ଏଥିପ୍ରତି ଜୋର ଦିଆଯାଇଥିଲା ଯେ ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶ ପ୍ରଶାସନ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀର ନିରନ୍ତର ଯୋଗାଣ ବଜାୟ ରଖିବା ନିମନ୍ତେ ଅସାଧୁ ବ୍ୟବସାୟୀ ଓ ମହଜୁଦକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ରହିଛି ।ଅତ୍ୟାବଶ୍ୟକ ସାମଗ୍ରୀର ଉତ୍ପାଦନ, ଯୋଗାଣ, ବିତରଣ ଆଦି ଉପରେ ନିୟନ୍ତ୍ରଣ ଆଣିବା ଲାଗି ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ୧୯୫୫ର ଧାରା ୩ରେ କ୍ଷମତା ଦିଆଯାଇଛି ଏବଂ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ମଧ୍ୟ ଏହି ଆଇନ ବଳରେ କ୍ଷମତା ପ୍ରଦାନ କରାଯାଇଛି ।କଳାବଜାରୀ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ରକ୍ଷଣାବେକ୍ଷଣ ନିବାରଣ ଆଇନ, ୧୯୮୦ର ଧାରା ୩ ଅନ୍ତର୍ଗତ ଜନସାଧାରଣଙ୍କୁ ଆବଶ୍ୟକ ସାମଗ୍ରୀ ଯୋଗାଣ ବଜାୟ ରଖିବାରେ ବାଧାସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ସର୍ବାଧିକ ୬ ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ଦିଆଯାଇପାରେ ।ଅତ୍ୟାବଶ୍ୟକ ସାମଗ୍ରୀ ଆଇନ, ୧୯୫୫ ଏବଂ କଳାବଜାରୀ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ରକ୍ଷଣାବେକ୍ଷଣ ନିବାରଣ ଆଇନ, ୧୯୮୦କୁ ଉପଭୋକ୍ତା ବ୍ୟାପାର ବିଭାଗ ଲାଗୁ କରିଥାଏ । ଏହି ଦୁଇଟି ଆଇନ ଉପଭୋକ୍ତାମାନଙ୍କୁ ଉଚିତ ମୂଲ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧତା ସୁନିଶ୍ଚିତ କରିବା ଓ ଅସାଧୁ ବ୍ୟବସାୟୀ ଓ ମହଜୁଦକାରୀଙ୍କ ଶୋଷଣରୁ ଉପଭୋକ୍ତାଙ୍କୁ ସୁରକ୍ଷିତ ରଖିବା ଲାଗି ଲାଗୁ କରାଯାଇଛି ।

ଓଡ଼ିଶା-ଦକ୍ଷିଣ କୋରିଆ ମଧ୍ୟରେ ବାଣିଜ୍ୟ କାରବାର ପ୍ରୋତ୍ସାହନକୁ ନେଇ ଦ୍ୱି-ପାକ୍ଷିକ ଗୋଲଟେବୁଲ ବୈଠକ

ଭୁବନେଶ୍ୱର:

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସ୍ୱରରକ୍ଷକ
ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Wednesday April 21, 2021 | ଭୁବନେଶ୍ୱର ବୁଧବାର, ଅପ୍ରେଲ ୨୧,୨୦୨୧ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ୟୋର୍ସ ହୋପ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା : ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ତଥା କରୋନା ମହାମାରୀ ସମୟରେ ରାଜ୍ୟର ବିଭିନ୍ନ ଅଂଚଳରେ ଜନସାଧାରଣଙ୍କୁ ଏହି ମହାମାରୀର ଦାଉରୁ ରକ୍ଷା ପାଇବା ନିମନ୍ତେ ଜନ ସାଧାରଣମାନଙ୍କୁ ସଚେତନତା କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ୟୁରସ ହୋପ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ କରୋନା ମହାମାରୀର ଦ୍ୱିତୀୟ ଲହରରୁ ରକ୍ଷା ପାଇବା ପାଇଁ ଜନସାଧାରଣମାନଙ୍କୁ ସଚେତନତା କରାଇଥିଲେ। ୟରସ ହୋପ ଫାଉଣ୍ଡେସନ ଟ୍ରଷ୍ଟ ପ୍ରତିଷ୍ଠାତା ତଥା ଅଧକ୍ଷା ରୀନା ରାଣୀ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟାକ୍ରମଟି ଅନୁଷ୍ଠିତ ହୋଇଥିବା ବେଳେ ଡ଼ାକ୍ତର ବିଶ୍ୱରଂଜନ ଜେନା , ଡ଼ାକ୍ତର ଜଗନ୍ନାଥ ବେହେରା, କଣାସ ଗୋଲା ବଜାରର ବ୍ୟବସାୟୀ ସଂଘର ସଭାପତି ସଂଜୟ କୁମାର ଛୁଆଳସିଂହ, ମଣ୍ଡଳ ଉନ୍ନୟନ ଅଧିକାରୀ ଲୋଚନା ଦାଶ, ଧନେଶ୍ୱର ସ୍ୱାଇଁ, ପୋଲିସ କର୍ମଚାରୀ ଏବଂ ସୁବାଷ ପାହାଡ଼ସିଂହ ପ୍ରମୁଖ ସହଯୋଗ କରିଥିଲେ। ଏହି ଜନ ସଚେତନତା ମୂଳକ କାର୍ଯ୍ୟକ୍ରମରେ ମାସ୍କ ବଂଟନ, ହ୍ୟାଣ୍ଡୱାସ, ସାନିଟାଇଜର ପ୍ରଭୃତି ପ୍ରଦାନ କରାଯିବ ସହିତ କରୋନା ମହାମାରୀ ଠାରୁ ଦୂରେଇ ରହିବା ପାଇଁ ଜନସାଧାରଣ ମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନର ବିକାଶ ପାଲଟାସିଂହ, ରଂଜନ ନାୟକ, ମାମାଲି, ରେଣୁବାଳା, ରୋଜାଲିନ, ସଂଗ୍ରାମ ରଣା ପ୍ରମୁଖ ସହଯୋଗ କରିଥିଲେ।

ସୁନ୍ଦରଗଡ଼ ଜିଲ୍ଲାରେ ବଢୁଛି କରୋନା ସଂକ୍ରମଣ : କର୍ଫ୍ୟୁ ପାଇଁ ଫାଷ୍ଟ ଫୁଡ ଓ ଉଠା ଦୋକାନୀ ଚିନ୍ତାରେ

ରାଉରକେଲା: ସୁନ୍ଦରଗଡ଼ ଜିଲ୍ଲାରେ କରୋନାର ମିଟର ଦିନକୁ ଦିନ ବଢିବା ସହ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ ଓ ବିଭିନ୍ନ ଅଂଚଳକୁ କଂଟେନମେଂଟ ଯୋନ କରାଯାଉଛି, ହେଲେ ରାଉରକେଲା ସମେତ ଜିଲ୍ଲାରେ ଏହାର ପ୍ରଭାବ କାହିଁକି ବଢି ଚାଲିଛି ସେନେଇ ଲୋକେ ନାନା ଚିନ୍ତାରେ ଥିବା ବେଳେ ଏଥିରେ ପେଶି ହେଉଛନ୍ତି ଜିଲ୍ଲାର ବିଭିନ୍ନ ସହର, କଲୋନୀରେ ଫାଷ୍ଟ ଫୁଡ ଓ ରାସ୍ତା କଡରେ ନାନା ପ୍ରକାର ଖାଦ୍ୟ ବିକି ଚଳୁଥିବା ଲୋକେ । ତେବେ ଆଜିର କରୋନା ସଂକ୍ରମଣ ଜିଲ୍ଲାରେ ଯାହା ରହିଛି ତାହା ନିଶ୍ଚୟ ଚିନ୍ତାର ବିଷୟ । ମାତ୍ର ୧୧ ଦିନ ତଳେ ସୁନ୍ଦରଗଡ ଜିଲ୍ଲାରେ ୧୪୭ ଥିବା ବେଳେ ରାଜ୍ୟରେ ଏହାର ସଂଖ୍ୟା ଥିଲା ମାତ୍ର ୭୩୧ । ୧୧ଦିନ ଭିତରେ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେବା ସତ୍ତ୍ୱେ ସଂକ୍ରମଣ ମାଡି ଚାଲିଛି । ତେବେ ଡାକ୍ତର ମାନଙ୍କ କହିବା ଅନୁଶାରେ ହାତ ଧୁଆ ସହ ମାସ୍କ ଓ ସାମାଜିକ ଦୂରତାକୁ ମାନି ଚାଲିଲେ ଆମେ ଏଥିରୁ ରକ୍ଷା ପାଇବା । ତେବେ ଜିଲ୍ଲା ସମେତ ରାଉରକେଲାରେ ଲୋକେ ସଚେତନ ହେଉଥିବା ବେଳେ କିଛି ଅମାନିଆଙ୍କୁ କିଛି ଫରକ ପଡୁନି । ବିଭିନ୍ନ ସହରରେ ସଂଧ୍ୟା ସମୟରେ ଫାଷ୍ଟ ଫୁଡ ବିକି ନିଜ ପରିବାର ଚଳାଉଥିବା ଓ ବରା ପିଆଜି ସହ ନାନା ରକମର ଖାଦ୍ୟ ବିକି ସଂଧ୍ୟାରେ ଦୁଇପଇସା ରୋଜଗାର କରୁଥିବା ଲୋକଙ୍କ ଲାଗି ଏହି ସଟଡାଉନ ଓ ସଂଧ୍ୟାର କର୍ଫ୍ୟୁ ମହଙ୍ଗା ପଡିଛି । ସେମାନେ ଆଉ ଦୋକାନ ଖୋଲି ପାରୁ ନାହାନ୍ତି । ବିଗତ ବର୍ଷ ଏଭଳି ସମସ୍ୟା ଲାଗି ରହିବାରୁ ବ୍ୟବସାୟ କରୁଥିବା କିଛି ଲୋକ ଏରିଆ ଛାଡି ଚାଲିଜିବା ସହ ଆଉ କିଛି ଲୋକ ଆର୍ଥିକ ସମସ୍ୟା ଭିତରକୁ ଠେଲି ହୋଇଗଲେ। ସେହିଭଳି ସଟଡାଉନ ଓ କର୍ଫ୍ୟୁ ବେଳେ ହୋଟେଲ ଉପରେ ନିର୍ଭର କରି ଚଳୁଥିବା ଲୋକଙ୍କ ଲାଗି ବ୍ୟବସ୍ଥା ପ୍ରଶାସନ କରିବାକୁ ଦାବି ହେଉଛି । ବଡ କଥା ଏଭଳି ନିଷ୍ପତି ସବୁ ନେବା ପୂର୍ବରୁ ଲୋକ ପ୍ରତିନିଧି ତଥା ସହରର ବୁଦ୍ଧିଜିବୀ ମାନଙ୍କ ସହ ଆଲୋଚନା କରାଜିବା ନିତ୍ୟାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି । କରୋନା ଭଳି ସ୍ଥିତିରେ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି, ତେଣୁ ଖାଲି ନିୟମକୁ ଲୋକଙ୍କ ଉପରେ ଲଦି ଦେଲେ ହେବ ନାହିଁ, ଲୋକ ପ୍ରତିନିଧି ଓ ସଚେତନ ନାଗରିକ ମାନଙ୍କ ସହ ଏନେଇ ଆଲୋଚାନା ପରେ କ'ଣ କଲେ ଭଲ ହେବ ତାହା କରାଯାଉ ବୋଲି ମତ ପ୍ରକାଶ ପାଇଛି ।

ରାଜ୍ୟ ସ୍ତରୀୟ ବାଣୀପୀଠ ସମ୍ମାନରେ ସମ୍ମାନିତ ହେଲେ ଦମନ

କେନ୍ଦ୍ରାପଡ଼ା: ମୟୁରଭଞ୍ଜ ଜିଲ୍ଲାର ବଡସାହି ଅଞ୍ଚଳର ପ୍ରସିଦ୍ଧ ୪୧ତମ ରାଜ୍ୟସ୍ତରୀୟ ବାଣୀପୀଠ ମହୋତ୍ସବ ଉଦଯାପିତ ହୋଇଯାଇଛି । ଏହି ଉଯାପନୀ ଉତ୍ସବରେ ମୁଖ୍ୟ ଆକର୍ଷଣ ଥିଲା କବିତା ଆସର ସହିତ ସମାଜସେବା କ୍ଷେତ୍ରରେ ଓଡିଶାର ବିଶିଷ୍ଟ ସମାଜସେବୀମାନଙ୍କୁ ସମ୍ମାନିତ କରିବାର ଦୀର୍ଘ ୪୧ବର୍ଷର ପରମ୍ପରା । ସେହି ପରମ୍ପରାକୁ ବଜାୟ ରଖି ବାଣୀପୀଠର କର୍ମକର୍ତ୍ତାମାନେ ସାରା ଓଡିଶାରେ ନିଃସ୍ୱାର୍ଥପର ସମାଜସେବା କରୁଥିବା ବିରଳ ବ୍ୟକ୍ତିତ୍ୱମାନଙ୍କୁ ମନୋନୟନ କରିଥିଲେ। ତନ୍ମଧ୍ୟରୁ ଶ୍ରେଷ୍ଠ ସ୍ଥାନରେ ଥିଲେ କେନ୍ଦ୍ରାପଡା ଜିଲ୍ଲାର ସୁପରିଚିତ ତଥା ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ କୁମାର ମହାନ୍ତି । ନିମନ୍ତ୍ରଣ ପାଇ ସେ ପହଁଚିଥିଲେ କିଛି ଟ୍ରଷ୍ଟର କେତେକ ସଦସ୍ୟଙ୍କ ସହ ମୟୁରଭଞ୍ଜ ଜିଲ୍ଲାର ବଡସାହି ଠାରେ । ସେଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ମହାନ୍ତିଙ୍କୁ ତାଙ୍କର ସମାଜସେବା ପାଇଁ ପଦକ,ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ବାଣୀପୀଠ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ପକ୍ଷରୁ ଉପଦେଷ୍ଟା ମୋହନ ମହାରଣା, ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡା, ସଦସ୍ୟ ଗୌତମ ସାହୁ ଓ ରାଜେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଅଗ୍ରଣୀ ଶିକ୍ଷାବୀତ ଓ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିଥିଲେ ।

ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କରୋନା ସଂକ୍ରମିତ

ଭୁବନେଶ୍ୱରସ :ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକ କରୋନା ସଂକ୍ରମିତ ହୋଇଛନ୍ତି । ଏନେଇ ପ୍ରଦୀପ୍ତ ନିଜେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି । ଲଗାତାର କୋଭିଡ୍ ଟେଷ୍ଟ ପରେ ସେ ସଂକ୍ରମିତ ଥିବା ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ -ବିଗତ ୫ ଦିନ ମଧ୍ୟରେ ତାଙ୍କ ସହ ସମ୍ପର୍କରେ ଆସିଥିବା ଲୋକଙ୍କୁ ସେ କୋଭିଡ୍ ଟେଷ୍ଟ କରାଇବା ଲାଗି ଅନୁରୋଧ କରିଛନ୍ତି । ଏଥିସହ ସେମାନଙ୍କୁ ଆଇ ସୋଲେସନରେ ରହି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ।

ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଉନତ୍ରୀଂଶ ତମ ସ୍ୱ-ନକ୍ଷତ୍ର ଉତ୍ସବ ଓ ପୂଜ୍ୟ ପୂଜା କାର୍ଯ୍ୟକ୍ରମ

ଫୁଲବାଣୀ: କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଉନତ୍ରୀଂଶ ତମ ସ୍ୱ-ନକ୍ଷତ୍ର ଉତ୍ସବ ଓ ପୂଜ୍ୟ ପୂଜା କାର୍ଯ୍ୟକ୍ରମ କୋଭିଡ୍ କଟକଣା ନିତିନିୟମ ଅନୁସାରେ ଫୁଲବାଣୀ ମାଷ୍ଟ୍ରପଡା ସ୍ଥିତ ପାରିଜାତ କଲ୍ୟାଣୀ ମଣ୍ଡପ ଠାରେ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ଅଧକ୍ଷତା କରି ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ଦିର୍ଘ ୨୯ ବର୍ଷ ମଧ୍ୟରେ କନ୍ଧମାଳ ଜିଲ୍ଲା ତଥା ଜିଲ୍ଲା ବାହାରର ଲୋକଙ୍କ ନିକଟରେ ଏହାର ନିରବଚ୍ଛିନ୍ନ କାର୍ଯ୍ୟକ୍ରମ ଏବଂ ଲେଖକ ଓ କବି ମାନଙ୍କ ଠାରୁ ଆରମ୍ଭ କରି କୁନିକୁନି ପିଲାଙ୍କର ମନୋରନ ଓ ସାଂସ୍କୃତିକ ବ୍ୟକ୍ତି ଶିକ୍ଷା ଦିଗରେ ପାରଦର୍ଶୀତା ହାସଲ କରିଥିବା ଛାତ୍ରଛାତ୍ରୀ,ସ୍ୱେଚ୍ଛାସେବୀ,ରକ୍ତଦାତା ଓ ଅନୁଷ୍ଠାନକୁ ଲୋକଲୋଚନକୁ ଆଣିବା ଭଳି ବିଭିନ୍ନ ପଦକ୍ଷେପ ପାଇଁ ପ୍ରସିଦ୍ଧି ଲାଭ କରିବା ସହିତ ଜିଲ୍ଲା ତଥା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁ ଚରଣ ଶତପଥୀ ପରିଚାଳନା କରିଥିଲେ । ଏହି ସ୍ୱନକ୍ଷତ୍ର ଉତ୍ସବର ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଏବଂ ସମ୍ମାନୀତ ଅତିଥି ଭାବେ ବାଲିଗୁଡା ଶାନ୍ତିମୈତ୍ରୀ ଅନୁଷ୍ଠାନର ସମ୍ପାଦକ ସ୍ୱେଚ୍ଛାସେବୀ, ଭଗବାନ ଜେନା,ପ୍ରାଧପାକ ତୀର୍ଥ ଜାନି,ବରିଷ୍ଠନାଗରିକ ଡ. ଅନନ୍ତ ଚରଣ ମିଶ୍ର ଅନୁଷ୍ଠାନର କାର୍ଯ୍ୟକାରୀ ସଦସ୍ୟା କଳ୍ପନା ରାଣୀ ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଭୈରବୀ ମହାବିଦ୍ୟାଳୟ ପୁରୁଣା କଟକର ଅଧକ୍ଷ ଡକ୍ଟର ପୂର୍ଣ୍ଣେନ୍ଦୁ ତ୍ରିପାଠୀ ଯୋଗ ଦେଇ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଇତିବୃତତ୍ତ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଅତିଥି ମାନଙ୍କ ଦ୍ୱାରା ବନଜ୍ୟୋତ୍ସ୍ନା ବିଷୁବ ସଂଖ୍ୟାର ଉନ୍ମୋଚନ ହେବା ସହ ଡକ୍ଟର କାହ୍ନୁ ଚରଣ ଶତପଥୀ ଙ୍କ ଚତୁର୍ଥ ଗଳ୍ପ ପୁସ୍ତକ ଜହ୍ନ ରାତିର ବାଟୋଇ,ବସନ୍ତ ପଲେଇଙ୍କ କବିତା ପୁସ୍ତକ ସବ୍ୟସାଚୀ,ପ୍ରଦୀପ କହଁରଙ୍କ କବିତା ପୁସ୍ତକ ପକ୍ଷୀ ଓ ଚିତ୍ରପଟ୍ଟ ଉନ୍ମୋଚିତ ହୋଇଥିଲା । କବି ସୁବାସ ଚନ୍ଦ୍ର ପ୍ରଧାନ କାକଟପୁର, ପୁରୀ ଙ୍କୁ ବନଜ୍ୟୋତ୍ସ୍ନା ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁଶ୍ରୀ ସାଇ ପ୍ରଣିତା ମହନ୍ତି,ଶ୍ରୀ ଦିଲ୍ଲୀପ କୁମାର ସାହାଣୀ,ଡକ୍ଟର ରାଜକିଶୋର ବେହେରା,ସ୍ନେକ ହେଲ୍ପ ଲାଇନ୍-ଫୁଲବାଣୀ, ଚଳିତ ବର୍ଷର ଶେଷ ରକ୍ତଦାତା ଭାବରେ ବ୍ରହ୍ମାନନ୍ଦ କଟା, ଜିଲ୍ଲାରେ ବାଲ୍ୟ ବିବାହ ରୋକିବାରେ ଆଗ୍ରଣୀ ଭୁମିକା ରଖିଥିବା ସୁଶ୍ରୀ ତୃପ୍ତି ରାଣୀ ସାହୁ, ଲଙ୍କେଶ୍ୱର କହଁର,ଭିନ୍ନକ୍ଷମ ରକ୍ତଦାତା ଭାବରେ ତପନ କୁମାର ଭୋଳ, ମିନାକ୍ଷୀ କହଁର,ସିଗ୍ଧାରାଣୀ କହଁର,ଏ.ସନ୍ତୋଷ କୁମାର ପାତ୍ର , ଭାଗ୍ୟସ୍ମିତା ପାଢୀ ଏବଂ ରୀତା ଜାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ଅନ ଲାଇନ୍ ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ପ୍ରତିଯୋଗି ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । କିରଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉତ୍ସବ ପରିଚାଳନାରେ କମିଟି ସଦସ୍ୟ ଶରତଚନ୍ଦ୍ର ମହାନ୍ତି,ପ୍ରକାଶ ଚନ୍ଦ୍ର ପଟ୍ଟନାୟକ,ଓମ୍ ପ୍ରକାଶ ପଣ୍ଡା,ସୁଜିତ୍ ବେହେରା, କୃପାସିନ୍ଧୁ ସାମଲ,ସନ୍ତୋଷ କୁମାର ଦାସ,ପ୍ରଣତି ତ୍ରିପାଠୀ, ଗୀତାଳୀ ପଟ୍ଟନାୟକ,ସରସ୍ୱତୀ ସାହୁ,ରୂପମ୍ବୀକା ତ୍ରିପାଠୀ, ମୁସ୍କାନ୍ ଓ ଅନ୍ୟମାନେ ସହଯୋଗ କରିଥିଲେ ।

କ୍ରସର ନିକଟରେ ବିସ୍ଫୋରଣ : ଦୁଇ ମୃତ, ୩ ଗୁରୁତର

ଗଞ୍ଜାମ: ଗଞ୍ଜାମ ଜିଲ୍ଲା ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ଗ୍ରାମର ଏକ ଘରେ ବିସ୍ଫୋରଣ ଘଟି ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏଥିରେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତି କରାଯାଇଛି । ଆଜି ପୂର୍ବାହ୍ନରେ ଏକ କ୍ରସର ନିକଟରେ ଘଟିଛି ଏହି ବିସ୍ଫୋରଣ । ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣକର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ବିସ୍ଫୋରଣରେ ଗୁରୁତର ଅନ୍ୟ ୩ ଜଣ ସମ୍ପ୍ରତି ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧିନ ରହିଛନ୍ତି । ତେବେ କିପରି ଓ କେଉଁ ପରିସ୍ଥିତିରେ ଏତେ ବଡ଼ ବିସ୍ଫୋରଣ ଘଟିଲା, ସଦର ଥାନା ପୋଲିସ ସେନେଇ ତଦନ୍ତ ଚଳାଇଛି ।

ଅସୁସ୍ଥ ମହିଳା ଚିକିତ୍ସା ପାଇଁ ସହାୟତା ମାଗିଲେ ଜିଲ୍ଲାପାଳଙ୍କୁ

କେନ୍ଦ୍ରାପଡ଼ା: ଜନୈକ ଅସୁସ୍ଥ ମହିଳା ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କୁ ଭେଟି ନିବେଦନ କରିଛନ୍ତି । କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଖଇରାବାଦ ଗ୍ରାମର ପ୍ରକାଶ ନାୟକଙ୍କ ପତ୍ନୀ ସୁଚିତ୍ରା ନାୟକ ଜିଲ୍ଲାପାଳଙ୍କୁ ଭେଟି ଜଣାଇଛନ୍ତି ଯେ ପ୍ରାୟ ୮ମାସ ହେବ ତାଙ୍କ ଗୋଡଟି ଭାଙ୍ଗି ଯାଇଥିଲେ ବି ସେ ଅର୍ଥ ଅଭାବରୁ ଉପଯୁକ୍ତ ଚିକିତ୍ସା ପାଇପାରୁନାହାନ୍ତି । ସୁଚିତ୍ରା ଜଣେ ଦିନମଜୁରିଆ ହୋଇଥିବା ବେଳେ ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ଆର୍ଥିକ ଦୁସ୍ଥିତିରୁ ସେମାନେ ଓଳିଏ ଖାଇଲେ ଓଳିଏ ଉପବାସ ରହିବାକୁ ପଡିଥାଏ । ଏଭଳି ପରିସ୍ଥିତିରେ ତାଙ୍କୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯିବାକୁ ସେ ଛୋଟ ଝିଅ ସହିତ ଆସି ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ।

ସୁନାବେଡ଼ା ମିଗ କାରଖାନା ଗୁପ୍ତଭୋଟରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ବିଜୟୀ

ଭୁବନେଶ୍ୱର : କୋରାପୁଟ ସୁନାବେଡ଼ାରେ ହିନ୍ଦୁସ୍ଥାନ ଏରୋନେଟିକ୍ କାରଖାନାରେ ସ୍ୱୀକୃତି ପାଇଁ ଗତକାଲି ତା. ୧୪.୦୪.୨୦୨୧ ରିଖ ଅନୁଷ୍ଠିତ ଗୁପ୍ତଭୋଟରେ ଆଇ.ଏନ୍.ଟି.ୟୁ.ସି (ରାଷ୍ଟ୍ରୀୟ ମଜଦୁର କଂଗ୍ରେସ,ଓଡ଼ିଶା ଶାଖା) ସହ ଅନୁବନ୍ଧିତ ହିନ୍ଦୁସ୍ଥାନ ଏରୋନେଟିକ୍ ଏମ୍ପ୍ଲୋଇଜ୍ ଆସୋସିଏସନ୍ ୧୦୫୧ ଭୋଟ ପାଇ ଜୟଯୁକ୍ତ ହୋଇଥିବାରୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଜାତୀୟ ଉପସଭାପତି, ଓଡ଼ିଶା ଶାଖା ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ହିନ୍ଦୁସ୍ଥାନ ଏରୋନେଟିକ୍ ଏମ୍ପ୍ଲୋଇଜ୍ ଆସୋସିଏସନର ସଭାପତି ଓ ସାଧାରଣ ସଂପାଦକ ଶ୍ରୀ ଶିବାଜୀ କୁଅରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କେନ୍ଦ୍ରରେ ମୋଦୀ ସରକାର ଯେପରି ଭାବେ ସମସ୍ତ କେନ୍ଦ୍ର ସରକାରୀ ଉଦ୍ୟୋଗକୁ ଘରୋଇକରଣ କରିବା ଓ ବିଶେଷ ଭାବେ ହିନ୍ଦୁସ୍ଥାନ ଏରୋନେଟିକ୍ ଏମ୍ପ୍ଲୋଇଜ୍ ଆସୋସିଏସନ କୁ ଦୁର୍ବଳ କରିବା ପାଇଁ ରାଫେଲର କାର୍ଯ୍ୟ ହିନ୍ଦୁସ୍ଥାନ ଏରୋନେଟିକ୍ କମ୍ପାନିକୁ ଦିଆନଯାଇ ଯେପରି ଅଧିକାଂଶ ଦେବାଳିଆ କଂପାନୀର ମାଲିକ ଅନୀଲ ଅମ୍ବାନୀକୁ ଦିଆଗଲା। ଡଃ ଖୁଂଟିଆ ତା'ର ଦୃଢ଼ ନିନ୍ଦାବାଦ କରିଛନ୍ତି। କ୍ଷମତା ଅର୍ଥର ଉପଯୋଗ ସତ୍ତ୍ୱେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ୟୁନିଅନ ଜିତିବା ମୋଦୀ ସରକାର ଉପଯୁକ୍ତ ଜବାବ ବୋଲି ଡକ୍ଟର ଖୁଂଟିଆ କହିଛନ୍ତି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ୧୦୫୧ ଭୋଟ ପାଇଥିଲାବେଳେ, ବି.ଏମ୍.ଏସ୍. ସମର୍ଥିତ ହିନ୍ଦୁସ୍ଥାନ ଏରୋନେଟିକ୍ ମଜଦୁର ସଂଘ - ୯୮୪ ଏବଂ ଏଚ.ଏମ.ଏସ୍.ର - ବିଜୁ ଏରୋନେଟିକ୍ ଏମ୍ପୋଇଜ ୟୁନିଅନ- ୨୨୭ ଖଣ୍ଡ ଭୋଟ ପାଇଛନ୍ତି। ସର୍ବମୋଟ ୨୩୭ ଭୋଟରୁ ୨୨୮୦ ପୁଲିଂ ହୋଇଥିଲା।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray